ଚୌଦ୍ୱାର ଜେଲ୍‌ରେ ପାଞ୍ଚରାତି

ରବୀନ୍ଦ୍ର ପ୍ରସାଦ ପଣ୍ଡା

Digitized by srujanika@gmail.com

ଚୌଦ୍ୱାର ଜେଲ୍‌ରେ ପାଞ୍ଚରାତି

ରବୀନ୍ଦ୍ର ପ୍ରସାଦ ପଣ୍ଡା

Digitized by srujanika@gmail.com

ଚୌଦ୍ୱାର ଜେଲ୍‌ରେ ପାଞ୍ଚରାତି
ରବୀନ୍ଦ୍ର ପ୍ରସାଦ ପଣ୍ଡା

Five Nights in Choudwar jail
Rabeendra Prasad Panda

ପ୍ରକାଶକ
ଲାର୍କ ବୁକ୍‌ସ
ସୁବର୍ଣ୍ଣରେଖା ଚ୍ୟାମ୍ବର୍ସ
ଭୌମ ନଗର
ଭୁବନେଶ୍ୱର - ୭୫୧୦୦୧

Published by
LARK BOOKS
Subarnarekha Chambers
Bhauma Nagar,
Bhubaneswar - 751001

ପ୍ରଥମ ପ୍ରକାଶ - ୨୦୦୮

First Edition - 2008

ମୁଦ୍ରଣ
ଶୋଭନ୍
ଆଚାର୍ଯ୍ୟ ବିହାର
ଭୁବନେଶ୍ୱର

Printed at
Shovan
Acharya Vihar
Bhubaneswar

ଚାଳିଶ ଟଙ୍କା ମାତ୍ର

Rupees Forty Only

ISBN : 81 - 7375 - 153 - 6

Digitized by srujanika@gmail.com

ଉତ୍ସର୍ଗ

ଚୌଦ୍ୱାର ଜେଲ୍‌ର
ପାଞ୍ଚଦିନର ସହବନ୍ଦୀମାନଙ୍କୁ

Digitized by srujanika@gmail.com

ସୂଚୀ

ଜେଲ୍ ପ୍ରବେଶ - ତା ୧୩.୦୩.୨୦୦୮, ଗୁରୁବାର, ରାତି

ଏକ - ତା ୧୪.୦୩.୨୦୦୮, ଶୁକ୍ରବାର
ଦୁଇ - ତା ୧୫.୦୩.୨୦୦୮, ଶନିବାର
ତିନି - ତା ୧୬.୦୩.୨୦୦୮, ରବିବାର
ଚାରି - ତା ୧୭.୦୩.୨୦୦୮, ସୋମବାର
ପାଞ୍ଚ - ତା ୧୮.୦୩.୨୦୦୮, ମଙ୍ଗଳବାର

ନିଷ୍କ୍ରମଣ - ତା ୧୯.୦୩.୨୦୦୮, ବୁଧବାର, ଅପରାହ୍ନ

*

ପ୍ରସଙ୍ଗ : ମୌଳବାଦ ବନାମ ଗଣତନ୍ତ୍ର

*

ପୁସ୍ତିକା ଅନ୍ତର୍ଗତ ମତାମତ ପାଇଁ ଲେଖକ ଏକମାତ୍ର ଦାୟୀ ।

Digitized by srujanika@gmail.com

ଚୌଦ୍ୱାର ଜେଲ୍‌ରେ ପାଞ୍ଚରାତି

ମୂଳତଃ ଲେଖକ ହେଲେ ସୁଦ୍ଧା ନିଜକୁ ନେଇ ଲେଖାଲେଖି କରିବାକୁ ସଙ୍କୋଚ ହୁଏ । ଯୋଉ ସମାଜରେ ବଞ୍ଚୁଛୁଁ , ସେଠି ଅଗଣିତ ନରନାରୀଙ୍କ ଜୀବନଯାପନ ନିତ୍ୟନିଷ୍ପେଷଣର କ୍ରମାଗତ ପୁନରାବୃତ୍ତି, ତାଙ୍କରି ଭିତରେ ରହିଥାଇ ନିଜକୁ ବିଶେଷ ମନେକରିବା ବୃଥା ଆସ୍ଫାଳନ । ସମାଜଟା ତ ଜେଲ୍‌ଖାନା ନୁହେଁ ; ଚୌଦ୍ୱାରରେ ଥିଲି କିନ୍ତୁ ଜେଲଖାନା ଭିତରେ । ସେଠି ଭିନ୍ନ ଏକ ନିରାନନ୍ଦ ଭାଗ୍ୟବାଦୀ ଓ କ୍ରୁଦ୍ଧ ଜନଗୋଷ୍ଠୀ । ସ୍ତ୍ରୀ-ପୁରୁଷ, ସାବାଳକ-ନାବାଳକ, ହିନ୍ଦୁ-ମୁସଲମାନ ବିବାକ,ଆତ୍ମୀୟ-ପରିଜନଙ୍କ ପାଖରୁ ଅନତିକ୍ରମ୍ୟ ଦୂରତ୍ୱରେ, ପରସ୍ପର ସଂସର୍ଗରୁ ବଞ୍ଚିତହୋଇ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ଦିନ ଗଣୁଚନ୍ତି କେବେ ସରିବ ଏଇ ଆତ୍ମକ୍ଷୟକରୀ ଆଶଙ୍କା-ଶଙ୍କାର ବ୍ରତପାଳନ । ପରିଣତ ବୟସରେ ସେମାନଙ୍କ ଭିତରକୁ ପଶି ଆସି ଉପଲବ୍ଧି ପରିଧିକୁ ଆସିଗଲା ରବୀନ୍ଦ୍ରନାଥଙ୍କ *ତାସେର ଦେଶ* ଆଖ୍ୟାୟିକାର ଗୂଢ଼ ପ୍ରରୋଚନା । ମନେପଡ଼ିଲା,ରସେଲ୍ ନିଜ କାରାବାସ ବର୍ଣ୍ଣନା କରିବାକୁ ଯାଇ ଲେଖିଚନ୍ତି, ଭିତରେ ଯିଏ ଅଛନ୍ତି, କାହାରି ନୈତିକ ଚରିତ୍ର ବାହାରେ ବୁଲୁଥିବା ଲୋକଙ୍କ ତୁଳନାରେ ବାସ୍ତବିକ ନ୍ୟୂନ ନୁହେଁ । ଏମାନଙ୍କର ଏକମାତ୍ର ଦୋଷ, ଦୈବାତ୍ ଧରାପଡ଼ି ଯାଇଚନ୍ତି !

୨୦୦୮ ମସିହା ମାର୍ଚ୍ଚମାସ ତେରତାରିଖ ରାତିରେ ଆସିଲି, ଜାଣି ତ ନଥିଲି ଜେଲ୍ ଯିବି ! ପ୍ରସ୍ତୁତି ନଥିଲା । ଜେଲ୍‌ର କର୍ମଚାରୀ ପ୍ରଥମେ ଦେହସାରା ଅଣ୍ଡାଳି ଦେଖିଲେ ; ନିତ୍ୟାନ୍ତ ଆବଶ୍ୟକ ଲୁଗାପଟା ଛଡ଼ା ଅନ୍ୟସବୁ ଜିନିଷ ନିଷିଦ୍ଧ ହେଲା । ପଞ୍ଜାବୀରେ ସୁନାବୋତାମ ଲାଗିଥିଲା; ଛୟାଳିଶ ବର୍ଷ ପୂର୍ବେ ବାହାଘର ବେଳେ ପାଇଥିଲି ; ଦେଲିନାହିଁ । କହିଲି, ଚୋରି ଯଦି ହୋଇଯାଏ , ଅଭିଯୋଗ କରିବିନାହିଁ । ଦୁଃଖ ପାଇବେ ବୋଲି, ଘରେ କାହାକୁ କହିନାହିଁ ଗିରଫହୋଇ କଟକ ଯାଉଚି; ପୁଲିସ୍ ଅଫିସର୍‌କୁ କହିଥିଲି, ଜାମିନ୍ ଦରଖାସ୍ତ କରିବିନାହିଁ । ଢ଼େର୍ ଦିନ ହେଲା ରିଟାୟାର୍ କଲିଣି, ଓକିଲ ମୋତେ ଚିହ୍ନିବେ ନାହିଁ , ମୋକଦ୍ଦମାରେ ଖର୍ଚ୍ଚକଲା ଭଳି ଟଙ୍କା ବି ହାତରେ ନାହିଁ; ପ୍ରକାଶକ ମୋର ସାତଖଣ୍ଡ ବହି ଛାପିସାରିବା ଉତ୍ତାରୁ ଥରେ ଦଶହଜାର ଟଙ୍କା ଦେଇଥିଲେ ; ତହିଁଉତାରୁ ଶୁଖିଲା ହସ । ସେମାନେ କହିଲେ, ଯା କରିବା କଥା ସେମାନେ କରିବେ, ମୁଁ ଖାଲି ତାଙ୍କ ସାଙ୍ଗରେ ଗଲେ ହେଲା । ରାତିରେ ଘରକୁ ଫେରି ପୁଅ ଅନୁମାନ କଲା, ମୁଁ ଆରେଷ୍ଟ୍ ହୋଇଚି । ସକାଳ ଫ୍ଲାଇଟ୍‌ରେ ଭୁବନେଶ୍ୱରରେ ପହଞ୍ଚି ମୋବାଇଲ୍‌ରେ ଡାକିଲା । ବିରକ୍ତ ହେଲି; ବହି ମୁଁ ଲେଖିଚି,

Digitized by srujanika@gmail.com

ଚମେସବୁ ଯା ଭିତରେ ନାକଗଳାଇ ଅଯଥା ବିବ୍ରତ କରୁଚ ! ରହିବା ଜାଗାର ଠିକଣା ଦେଇନାହିଁ; ଲାଲ୍‌ବାଗ ଥାନା ଅଫିସର୍‌ଙ୍କୁ ପଚାରିବାକୁ କହିଲି । ସେମାନେ ତାକୁ ମୋ ପାଖକୁ ନେଇଆସିଲେ । କାହାରିକି ଚିହ୍ନେନା କି ଜାଣେନା ; ରୀତିମତ ଅସହାୟ । ମନେ ମନେ ଭାବଲି, ମୁଁ ତୋତେ ଡାକିନାହିଁ, ଆସିଛୁ ଯଦି ମଜା ବୁଝ୍ ! ବିଚରା ଛାଇ ଭଳି ଲାଗିରହିଲା । ଯା' ଭିତରେ, ଅତିରିକ୍ତ ପୁଲିସ୍ କମିଶନର୍ ଆସି କଥାବାର୍ତ୍ତା କଲେ ; ଜାଣିଲି, ଆଗଦିନ ଭଦ୍ରକରେ ମୁସଲମାନ ବିକ୍ଷୋଭ ଦେଖାଇଚନ୍ତି । କହିଲେ, ଭଦ୍ରକ ଆପଣଙ୍କୁ ଭୁଲି ଯାଇଚି । ଆଖିକୁ ଲୁହ ଆସିଗଲା ; କେତେକଥା ମନେପଡ଼ିଲା ; କେତେ ମୁସଲମାନ ସାଙ୍ଗଙ୍କ ମୁହଁ, ତାଙ୍କ ଘରେ ଇଦ୍ ପରବରେ ଖିଆପିଆ କରିଥିବା ସ୍ମୃତି, ଭଦ୍ରକ ହାଇସ୍କୁଲ୍‌ର ମୌଲବୀ କେମିତି ମୁଁ ମ୍ୟାଟ୍ରିକ ପରିକ୍ଷା ଦେବାକୁ ବାହାରି ତାଙ୍କୁ ପ୍ରଣାମକରିବାକୁ ଗଲି ଯେତେବେଳେ ଗୋଡ଼ ସରାଇନେଇ ଘୁଞ୍ଚିଯାଇଥିଲେ — ପଛକୁ ପଛ ଆଖିଆଗରେ ଭାସିଉଠି ଆକୁଳ କରିଦେଲା ।

ଦିନ ତିନିଟା ବେଳକୁ ଗାଡ଼ିରେ ବସାଇ କଚେରୀହତାକୁ ନେଇଗଲେ; ପୁଅ ଅନ୍ୟ ଗାଡ଼ିରେ ପଛେ ପଛେ ଆସିଲା । ସେଠି କୁଆଡ଼େ ମୁସଲମାନ ଜମିଥିଲେ । ମୋତେ ଆଉ କଚେରୀକୁ ନେଲେନାହିଁ ; କାଠଯୋଡ଼ି କୂଳରେ ଗଳି ଭିତରେ ଗାଡ଼ିକୁ ନେଇ ରଖିଲେ ; ଓକିଲାତ୍‌ନାମା ଆଣି ଦସ୍ତଖତ୍ କରାଇନେଲେ । ଓକିଲଙ୍କୁ ଦେଖିନାହିଁ କି ତାଙ୍କ ସାଙ୍ଗରେ ପଦେହେଲେ କଥା କହିବାର ଅବକାଶ ପାଇନାହିଁ । ପ୍ରାୟ ପାଞ୍ଚଟା ବେଳକୁ ଆସି କହିଲେ, ଜାମିନ୍ ନାମଞ୍ଜୁର ହୋଇଚି । ସଞ୍ଜ ହେଲାଣି, ଅଗତ୍ୟା ଯିବାକୁ ପଡ଼ିଲା ଚୌଦ୍ୱାର ଜେଲ୍‌କୁ । ସାଙ୍ଗରେ ଜଣେ ସବ୍-ଇନ୍‌ସ୍‌ପେକ୍ଟର ଯାଇଥିଲେ । ଯଥେଷ୍ଟ ସଦାଶୟ, କିନ୍ତୁ ତାଙ୍କ ଚାକିରୀ ତାଙ୍କୁହିଁ କରିବାକୁ ପଡ଼ିବ ! ବାଟରେ ପୁଅ ମୋ ପାଇଁ ଫଳଫୁଲୁରି, ତକିଆ ଚାଦର ତଉଲିଆ କିଣି ଆଣିଲା । ଜେଲ୍ ଫାଟକରେ ପହଞ୍ଚିବା ବେଳକୁ ଅନ୍ଧାର । ବହିପତ୍ର ଟଙ୍କାପଇସା ପୁଅକୁ ଫେରାଇଦେଲି ; ସବ୍‌ଇନ୍‌ସ୍‌ପେକ୍ଟର ଆସି କହିଲେ,ପୁଅ କହୁଚନ୍ତି, ଶେଷକୁ ବାପକୁ ଆଣି ଜେଲ୍‌ରେ ଛାଡ଼ିଯିବାକୁ ପଡ଼ିଲା ପୁଅକୁ !

ଭିତରକୁ ଗଲି । ଦୋତାଲାରେ ପ୍ରଶସ୍ତ କୋଠରୀ, କିନ୍ତୁ ତାଲା ଝୁଲୁଛି, ଭିତରେ ଆଲୁଅ ଜଳୁଚି । ଝରକା ଧାରରେ ବୁନ୍ଦୁଲାବୁନ୍ଦୁଲି ରଖାଯାଇଥିଲା । ନିଜେ ବସିଥିଲି ଥକାହୋଇ ବିପରୀତ ଦିଗର ଝରକା ପାଖରେ; ହଠାତ୍ ଆଖିରେ ପଡ଼ିଲା, କୋଠରୀ ଭିତରୁ ହାତ ବଢ଼ାଇ ବୁନ୍ଦୁଲା ଭିତରୁ କଦଳୀଟିଏ ଛିଡ଼ାଇନେଲା । ଦୁଃଖ ଭିତରେ ହସିଥିଲି । ଓ୍ୱାଡ଼ର୍ ଆସି ତାଲା ଖୋଲିଲେ । ସେଇ ଶବ୍ଦରେ ଉଠିପଡ଼ି ଅପର ପାର୍ଶ୍ୱ ଘରର ଗରାଦ ପଛରୁ କିଏ ପଚାରିଲେ; କିଏ ଆସିଲେ ? ଓ୍ୱାଡ଼ର୍ କହିଲେ : ବହି କେସ୍‌ରେ ଧରାହୋଇ ଜଣେ ବୁଢ଼ାଲୋକ ଆସିଛନ୍ତି । ପୁଣି ପ୍ରଶ୍ନ : ପୀତାମ୍ବର ମିଶ୍ର ? ପାଟିକରି ନିଜ ନାଁ କହିଲି । ଉତ୍ତର ଆସିଲା : ନମସ୍କାର ।

Digitized by srujanika@gmail.com

ଉଠିଯାଇ ଦେଖିଲି, ବରମୁଡ଼ା ଆଉ ଗେଞ୍ଜି ଦିହରେ ସ୍ୱାସ୍ଥ୍ୟବାନ ଯୁବକ, ଗହଳିଆ ନିଶତଳେ ସଂଭ୍ରମର ହସ : 'ମୁଁ ବ୍ରଜଭାଇ । ଆଠମାସ ହେଲା ଆସିଲିଣି । ଆପଣ ଶୋଇପଡ଼ନ୍ତୁ । ସକାଳେ ଦେଖା ହେବ ।' ଏ ଲୋକଙ୍କୁ ଆଗରୁ କେବେ ଦେଖିନାହିଁ । ଶୁଣିଥିଲି, କୃଷ୍ଣକାନ୍ତ *ସମାଜ* ଦାୟିତ୍ୱରେ ପଠାଇଚନ୍ତି; ପାରିଲା ଲୋକ । ବେତନଟି ପାଖ ରାସଗୋବିନ୍ଦପୁର ଯାଙ୍କ ଗାଁ, ପିତୃଦତ୍ତ ନାଁ ବ୍ରଜେନ୍ଦ୍ରନାରାୟଣ ଦାସ । ଏମାନେ ବୈଷ୍ଣବ ।

ଘରଭିତରକୁ ଗଲି । କଦଳୀ ନେଇଥିବା ପିଲାକୁ ଆଉ ଗୋଟିଏ କଦଳୀ ଖାଇବାକୁ ଦେଲି । ଯାବଜ୍ଜୀବନ କାରାଦଣ୍ଡ ପାଇଛି ; ନାଁ ରାଜେନ୍ଦ୍ର ସେଠି; ଗଞ୍ଜାମ ବଡ଼ଖେମୁଣ୍ଡି ଅଞ୍ଚଳରୁ ଆସିଚି; ନ ବର୍ଷ ହୋଇଗଲା । ବିଛଣା ପାରିଦେଲା, ଲୁଗାପଟା ଚଉତାକରି ମୁଣ୍ଡ ଉପରକୁ ରଖିଲା । ଗିଲାସରେ ପାଣିଗଡ଼ାଇ ପିଇବାକୁ ଦେଲା, ପରିସ୍ରା କରିବାକୁ ଯାଇ ଦେଖିଲି କମୋଡ୍ ନାହିଁ; ଏଣେ ମୋ ଆଣ୍ଠୁରେ ଦରଜ । କହିଲା, ଠିଆଠିଆ କରିଦେବେ । ମୁଣ୍ଡଉପର କାନ୍ଥରେ ଜଗନ୍ନାଥଙ୍କ ବିରାଟ ଚିତ୍ର । ଡାହାଣପଟ କାନ୍ଥରେ ଶ୍ରୀମନ୍ଦିରର ଚିତ୍ର ; ଦେଉଳଭିତରୁ ବିଷ୍ଣୁ ଅଭୟମୁଦ୍ରାରେ ଆଶୀର୍ବାଦ କରୁଚନ୍ତି । ପଚାରିଲି, କିଏ ଆଙ୍କିଚି ? ରାଜୁ କହିଲା, ଜଣେ ବାବାଜି କଏଦୀ ହୋଇ ଆସିଥିଲେ ; ଜେଲ୍‌ଖାନାରୁ ଦିଆଯିବା ଭାତ ଖାଆନ୍ତି ନାହିଁ, ସ୍ୱପାକ୍‌ରେ ଖାଆନ୍ତି । ରେପ୍ କେସ୍‌ରେ ପଡ଼ି ଆସିଥିଲେ, ବର୍ଷେ ଖଣ୍ଡ ରହି ମୋକଦ୍ଦମାରେ ଜିତି ପଳାଇଗଲେ । କିନ୍ତୁ ଆପଣ କଣ କରିଚନ୍ତି ? କହିଲି , ବହି ଲେଖିଚି । କହିଲା , ମୁଁ ଧୋବା ପିଲା, ବୁଝିପାରୁନାହିଁ ବହି ଲେଖିଲେ କାହିଁକି ଜିଅଲ ହେବ ? କହିଲି, ସେ ଗହନ କଥା । ମୋ ପଞ୍ଜାବୀରେ ସୁନା ବୋତାମ ଲାଗିଚି, ନେ ହେପାଜତ୍‌ରେ ରଖ୍ । ହସିଲା । 'ମଉସା, ଆଜିଠୁଁ ପାଞ୍ଚଦିନ ଭିତରେ ତମେ ଏଠୁ ବାହାରିଯିବ । ଗୋଟିଏ ହେଲେ ଜିନିଷ ବି ହଜିବନାହିଁ ।' ପୁଅମୁହଁ ମନେପଡ଼ିଲା । ନଖାଇ ଶୋଇପଡ଼ିଲି । ପୁଲିସ୍ ବିଶ୍ୱାସଘାତକତା କଲା କାହିଁକି ? ମୁଁ ତ ଅନିଷ୍ଟ କରିନାହିଁ କାହାରି । ଥଳକୂଳ ପାଇଲି ନାହିଁ । କେତେବେଳେ ନିଦ ଆସିଗଲା ।

ଦୁଇ

ଶନିବାର, ପନ୍ଦର ତାରିଖ , ଡେରିରେ ନିଦ ଭାଙ୍ଗିଲା; ସାଢ଼େ ଛ'ଟାରେ ଦରଜା ଖୋଲିଦେଇଚନ୍ତି । ଚା'-ଫା' ବ୍ୟବସ୍ଥା ନାହିଁ । ବ୍ରଜଭାଇଙ୍କୁ କହିଲି, ବନ୍ଦୋବସ୍ତ କରିଦେଲେ; ଝାଡ଼ା କିନ୍ତୁ ନହୁଏ ! ଡାକ୍ତରଙ୍କୁ ଖବର ଦେବାରୁ କମ୍ପାଉଣ୍ଡର୍ ଆସି ଔଷଧ ଦେଇଗଲେ ; ଅବସ୍ଥା କିନ୍ତୁ ଯଥା ପୂର୍ବଂ ତଥା ପରଂ । ଓ୍ୱାଡ଼କୁ ଖବରକାଗଜ ଆସିଲା । ସେଥିରୁ ଜାଣିଲି ମୋ ନାଁରେ ଭାରତୀୟ ପିଙ୍ଗଳ କୋଡ଼୍‌ର ୨୯୫(କ) ଦଫାରେ ମୋକଦ୍ଦମା ରୁଜୁ ହୋଇଚି ଏବଂ ସାମ୍ପ୍ରଦାୟିକ ସଦ୍‌ଭାବନା ବଜାୟ ରଖିବା ସକାଶେ ପୁଲିସ୍ ମହାନିର୍ଦ୍ଦେଶକ ବହିଟାକୁ ଅସିଦ୍ଧ ଘୋଷଣାକରିବାକୁ ଘରୋଇ ବିଭାଗକୁ ଚିଠି ଲେଖିଚନ୍ତି । ପିଙ୍ଗଳ କୋଡ ମୋ ପାଖରେ ନଥିଲା କି ମୁଁ ଆଗରୁ ପଢ଼ିନାହିଁ ; ମାତ୍ର ବହି ଅସିଦ୍ଧ ହେଲେ ସାଂପ୍ରଦାୟିକ ସଦ୍‌ଭାବନା

Digitized by srujanika@gmail.com

କେମିତି ଓ କାହିଁକି ବଜାୟ ରହିବ, ବୁଝିପାରିଲି ନାହିଁ । ମନେପଡ଼ିଲା, ମକ୍‌ବୁଲ୍ ଫିଦା ହୁସେନ୍ ହିନ୍ଦୁ ଦେବୀମାନଙ୍କର ନଗ୍ନଚିତ୍ର ଆଙ୍କିଥିବାରୁ ମହାରାଷ୍ଟ୍ର ଓ ଗୁଜୁରାଟ୍‌ରେ ତାଙ୍କ ବିରୋଧରେ ଆନ୍ଦୋଳନ ହୋଇଥିଲା । ତାଙ୍କ ଘରେ ପଶି ଲୋକ ଭଙ୍ଗାରୁଜା ମଧ୍ୟ କରିଥିଲେ । ହୁସେନ୍ ଯଥେଷ୍ଟ କ୍ଷତି ସହିଥିବେ ନିଶ୍ଚୟ । ମାତ୍ର ସରକାର ତାଙ୍କ ଚିତ୍ରଗୁଡ଼ିକୁ ନିଷିଦ୍ଧ କରି ନଥିଲେ କି ତାଙ୍କୁ ଜେଲ୍‌କୁ ପଠାଇନାହାନ୍ତି । ହିନ୍ଦୁଧର୍ମବାଦୀ ବିଲାତକୁ ଚିଠିଲେଖି ତାଙ୍କ ଛବିର ନିଲାମକୁ ନିଷିଦ୍ଧକରିବାକୁ ଦାବି କରିଥିଲେ, ମାତ୍ର ନିଲାମକରୁଥିବା ସଂସ୍ଥା କ୍ରିସ୍ଟି କହିଲେ, ସେମାନେ ଧର୍ମକୁ ଯେମିତି ସମ୍ମାନ କରନ୍ତି, ଶିଳ୍ପୀର ସ୍ୱାଧୀନତାକୁ ତଦପେକ୍ଷା ଊଣା ନୁହେଁ । ନିଲାମ ସେମାନେ କରିବେ । ସେମିତି ଡେନ୍‌ମାର୍କରେ ମହମ୍ମଦଙ୍କ କାର୍ଟୁନ୍ ଛପାଯିବା ଉତ୍ତାରୁ ଇସ୍‌ଲାମ୍ ଧର୍ମାବଲମ୍ବୀଙ୍କ ବ୍ୟାପକ ବିକ୍ଷୋଭ । ତା ଫଳରେ ଆରବ ରାଷ୍ଟ୍ରମାନଙ୍କ ସହିତ ଡେନ୍‌ମାର୍କର କୂଟନୈତିକ ସମ୍ବନ୍ଧ ବି ଆଘାତ ପାଇଚି ; ମାତ୍ର ରାଷ୍ଟ୍ର, ଶିଳ୍ପୀ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାରୁ ବିରତ ରହିଚି । ମୋତେ ଜେଲ୍‌ରେ ପୁରାଇଲେ ଯଦି ଭୋଟ୍ ମିଳିବ, ସେ ଅନ୍ୟ ବିଚାର । ସାଂପ୍ରଦାୟିକ ସଦ୍‌ଭାବନା କଣ ମୋ ବହିରେ ନାହିଁ ? ବହିର ଆଦ୍ୟ ପ୍ୟାରାଗ୍ରାଫ୍‌ରେ ତ ସେଇ କଥା ଲେଖିଚି ! ବହିସାରା ତ ରହିଚି ମିଳିତଭାବେ ସାମର୍ଥ୍ୟ ଅର୍ଜନର ପରାମର୍ଶ ।

ଅଥଚ ମୁଁ ଜେଲ୍ ଭିତରେ ରହିଚି; ଶୁକ୍ରବାର ସକାଳେ କଟକରେ ଗୋଡ଼ ଦେବାଠୁଁ ରାତିରେ ଜେଲ୍‌ରେ ପଶିବାଯାଏଁ ପୁଲିସ୍ ଅଫିସର୍‌ଙ୍କ ଛଡ଼ା କାହାରି ସାଙ୍ଗରେ ପଦେ କଥା ବି ହୋଇନାହିଁ । ସାରାଜୀବନ ସାଂପ୍ରଦାୟିକତାରୁ ଯୋଜନ ଯୋଜନ ଦୂରତ୍ୱରେ ରହିଥିବା ମୁଁ, ସମାଜର ଅବହେଳିତ ନିର୍ଯ୍ୟାତିତ ଲୋକଙ୍କ ସକାଶେ ଲେଖାଲେଖି କରିଚି ବିନା ପ୍ରତ୍ୟାଶାରେ ; ଆଉ ଆଜି ଜୀବନର ଅନ୍ତିମପର୍ବରେ ସାଂପ୍ରଦାୟିକତା ଅଭିଯୋଗରେ ବହି ଫେର୍ ବ୍ୟାଜ୍ୟାପ୍ତ ହେବ ? ତା ହେଲେ ଏତେ କଷ୍ଟ ସହୁଚି କଣ ପାଇଁ ? ସ୍ଥିରକଲି, ଅନ୍ତତଃ ଖବରକାଗଜକୁ ଜଣାଇବି ସାଂପ୍ରଦାୟିକତା ଅଭିଯୋଗକୁ ଖଣ୍ଡନକରି ମୋର ପ୍ରତିବାଦ । କାହିଁକିନା, ମୋତେ କୋର୍ଟ ଭିତରକୁ ନିଆଯାଇ ନାହିଁ; ମ୍ୟାଜିଷ୍ଟ୍ରେଟ୍‌ଙ୍କୁ ଅପରିଚିତ ଓକିଲ କଣ କହିଲେ, ମୁଁ ଶୁଣିନାହିଁ କି ଜାଣିନାହିଁ । କିନ୍ତୁ ମୋ ପାଖରେ କାଗଜ-କଲମ ନାହିଁ । ଲେଖିଲେ ବି ପଠାଇବି କେମିତି ବାହାରକୁ ? ଏତିକିବେଳେ ଆସିଲା , 'ମୁଲାକାତ୍'କୁ ଡ଼କରା । ଯାଇ ଦେଖିଲି, ଖୁଆଡ଼ ସେପଟରେ ପୁଅ ଛିଡ଼ା ହୋଇଛି । ଲୋକ ଖୁନ୍ଦାଖୁନ୍ଦି । ମୁହଁ ଶୁଖିଯାଇଚି, ରାତିରେ ହୁଏତ ଶୋଇନାହିଁ । କହିଲା, ବଡ଼ ଝିଅ ଓ ଜୋଇଁ ଦିଲ୍ଲୀରୁ ଆସି ପହଞ୍ଚିଛନ୍ତି । ସଞ୍ଜବେଳକୁ ଜାମିନ୍ ପାଇଁ ଓକିଲ ପରାମର୍ଶ କରିବେ । ମୁଁ କାହାକୁ ଚାହେଁ ? କହିଲି ପ୍ରବୀଣ ଓକିଲ ଟିଙ୍କ ଭଳି ଟଙ୍କା ଶୋଷିବେ , ତମେ ଏଠି ନୂଆଲୋକ, ଭୁଆଁବୁଲାଇ ଛାଡ଼ିବେ । ଯେକୌଣସି ପିଲା ଓକିଲକୁ ଦିଅ, ମୋକଦ୍ଦମା ତ ଲଢ଼ିବାକୁ ହେଉନାହିଁ, ଜାମିନ୍ ଆବେଦନଟା ପେଶ୍‌କରୁ । ଚାଲିଗଲା । ଜେଲ୍-ଅଫିସର୍‌ରୁ କାଗଜ ମାଗିଆଣିଲି, ଓ୍ୱାଡ଼କୁ ଆସି ରାଜୁ ପାଖରୁ କଲମନେଇ

Digitized by srujanika@gmail.com

ଡରଡର କରି ଲେଖିପକାଇଲି । ପେଟରେ ଯନ୍ତ୍ରଣା, ଚେଷ୍ଟା କଲି; ଝାଡ଼ା ବାହାରିଲା ନାହିଁ । ଖାଇଲି ନାହିଁ । ଆଖିବୁଜି ପଡ଼ିରହିଚି, ଶୁଣିଲି ଗିରି ଆଉ ଶାମ ଖାଇବସି କଥାହେଉଚନ୍ତି । କାଲି ଏଠି ଇଲେକ୍ସନ୍, ସର୍ଦ୍ଦାର ବଛାହେବେ । ଶାମ ଜଣେ କ୍ୟାଣ୍ଡିଡେଟ୍; ଗିରିକୁ କହୁଚି, ଯା ରୋଜଗାର ହେବ, ତୁ ଯା ମାଗିବୁ ଦେଇଦେବି । ଗିରି ବାଁରେଇ ହେଉଛି । ଶାମ ଉଠିଗଲାପରେ ଗିରିକୁ ପଚରାଉଚୁରା କରି ଜାଣିଲି, ଚାଉଳ-ଅଟା-ଚିନି-ସୋରିଷତେଲ ଯା ସର୍ଦ୍ଦାର ଅକ୍ତିଆରକୁ ଆସେ, ସେଥିରୁ ଚାରିଅଣା ଅଧା ଦରରେ ବାହାରକୁ ଚାଲିଯାଏ । ଆଗରୁ ମାସରେ ଷାଠିଏ -ସତୁରି ହଜାର ହେଉଥିଲା, ଏବେ ଚାଳିଶ ପଚାଶକୁ ଖସିଆସିଚି । ସାରା ଜେଲ୍ ପରିସରରେ ପ୍ରତିଦିନ ଜଣେ ଅନେକ ପ୍ରାଇଭେଟ୍ ଚୁଲୀ,ଶୃଙ୍ଖଳା ରୁଟିନ୍‌କୁ ଜାଳ କରି ରନ୍ଧାବଢ଼ା ହୁଏ । ଏଠି ଅଛନ୍ତି ଏଗାର ଶହ କୟେଦୀ । ତା ହେଲେ, ମୋ ସିଗାରେଟ୍ ବି ତ ମିଳିଯିବା କଥା ! କହିଲେ ମିଳିବ ; କିନ୍ତୁ ଆପଣଙ୍କ ବ୍ରାଣ୍ଡ ନୁହେଁ, କଟକରୁ ଅଣାଇବାକୁ ପଡ଼ିବ । ମୋ ହାତରେ ତ ପଇସା ନାହିଁ ! ଗିରି ପାଖରୁ ଆଣି ବିଡ଼ି ଟାଣିଲି । ମୋର ଡାୟବଟିସ୍ ଅଛି । ଦି' ବକତ ଖାଇନାହିଁ । ଝାଡ଼ା ବନ୍ଦ । ପ୍ରାୟ ଛଟପଟ ଅବସ୍ଥା ।

ଦିନ ଚାରିଟା ବେଳକୁ ଫେର୍ ମୁଲାକାତ ଡାକରା । ଯାଇ ଦେଖିଲି, ଓ୍ୱେଲ୍‌ଫେଆର୍ ଅଫିସର୍‌ଙ୍କ ଘରେ ଗୌର ବସିଚି । ଗୌର ଆମ ଗାଁ ପାଖ ପିଲା, ଅନେକ ବର୍ଷର ସମ୍ପର୍କ । ଓ୍ୱେଲ୍‌ଫେଆର୍ ଅଫିସର୍ ଚିହ୍ନାଇଦେଲେ, ଗୌରହରି ଦାସ, ଆପଣଙ୍କୁ ଇଣ୍ଟରଭିଉ କରିବେ । ସତକୁ ସତ ଇଣ୍ଟରଭିଉ ହେଲା । ସକାଳେ ଯା ଲେଖିଥିଲି ସବିସ୍ତାର ବୁଝାଇଲି । ଗୌର କହିଲା, 'ନନା, ଏ ବୟସରେ ଦିହପା' କେମିତି ଅଛି, ଦେଖିଯିବାକୁ ସୌମ୍ୟବାବୁ କହିଚନ୍ତି । ସିଏ ନିଜେ ଆସିଥାଆନ୍ତେ ; ଆଜି ତିରୁପତି ଯିବାକୁ ପଡ଼ିଲା । କଣ ଅସୁବିଧା ହେଉଚି କହନ୍ତୁ , ଯଥାସାଧ ଚେଷ୍ଟାକରିବି ।' ମୋ ଭଳି ନାସ୍ତିକ ମନରେ ଦଣ୍ଡକପାଇଁ ଈଶ୍ୱର ପ୍ରବେଶକଲେ । କହିଲି, ଜେଲ୍‌ଖାନାରେ ଇଆଠୁଁ ଆଉ କେତେ ଭଲ ହୁଅନ୍ତା ? ଖବର ପଢ଼ି ଆସିଚ, ମୁଁ ନିଜେ କାହାକୁ ଖବର ଦେଇପାରି ନାହିଁ । ପିଲେ ଆଜି ଓକିଲ ଠିକ୍‌କରିବେ । ଚିନ୍ତା କରନା । ଗୌର କହିଲା, 'ଆଜି ଗଙ୍ଗାଧର ରଥ ମରିଗଲେ; କଚେରି ଛୁଟି ହୋଇଯାଇଚି । ରମାକାନ୍ତ ରଥ ପଚାରିଚନ୍ତି, ପୀତାମ୍ବର ଆଚାର୍ଯ୍ୟଙ୍କୁ ଓକିଲ ଦେଲେ ଆପଣଙ୍କର ଆପତ୍ତି ଅଛି କି ?' ଦରିଆର କୂଳ ପାଇଲି । 'କିନ୍ତୁ ସିଏ ତ ଗଙ୍ଗାଧର ରଥଙ୍କ ଜୁନିୟର୍ । ଏଇ ଦୁର୍ଦ୍ଦିନରେ କଚେରୀକୁ ଆସି ଲଢ଼େଇ କରିପାରିବେ କି ? ମୋକଦ୍ଦମା ଉଠୁ , ତାଙ୍କ ସାଙ୍ଗରେ ଆଲୋଚନାକରି ଯଥାବିହିତ କରିବି ; ତମେ ବରଂ ଏକ୍ଷଣି ଏଇ କାଗଜଟା ନେଇଯାଅ ; ଛପାଗଲେ ଲୋକ ଅନ୍ତତଃ ଏତିକି ବୁଝିବେ ଯେ ମୁଁ ମରିଯାଇନାହିଁ । ' ଓ୍ୱେଲ୍‌ଫେୟାର୍ ଅଫିସର୍ କାଗଜଟାକୁ ଜେଲ୍-ଅଫିସରୁ ପାସ୍ କରାଇବାକୁ କହିଲେ । ଗୌର କାଗଜ ନେଇ ଉଠିଗଲା; ଓ୍ୱାର୍ଡ଼କୁ ଫେରିଲି । କିନ୍ତୁ ଚାଲିବାକୁ କଷ୍ଟ ହେଉଥାଏ ।

Digitized by srujanika@gmail.com

ଫେରିଆସି ଦେଖିଲି, ଇଲେକ୍ସନ୍ ପାଇଁ ଘମାଘୋଟ କ୍ୟାନ୍‌ଭାସିଙ୍ଗ୍ ଚାଲିଚି । ଶାମ ଆସି ହନୁମାନ ଭଳି ଆଣ୍ଠେଇପଡ଼ିଲା ; 'ମଉସା, ମାଛ ଚିହ୍ନରେ ଭୋଟଦେବେ ।' ଆଶ୍ୱସ୍ତକରି ବିଦାକରିଦେଲି । ତହିଁଉତ୍ତାରୁ ଦେଖିଲି, ଆମ୍ବଗଛ ତଳେ ବ୍ରଜଭାଇ ସଭା ବସାଇଚନ୍ତି । ଡାକିଲେ । କହିଲେ, ଆମକୁ ଛାଡ଼ି ଶୀଘ୍ର ଚାଲିଯିବେ, ସମ୍ଭାଳି ଉଠିବାକୁ ସମୟ ଲାଗିବ । ଚା' ଅଣାଇଦେଲେ । ଗୌର ଗୋଟେ ପ୍ୟାକେଟ୍ ସିଗାରେଟ୍ ଦେଇଯାଇଥିଲା । ସିଗାରେଟ୍ ଟାଣୁଟାଣୁ ନଜରରେ ପଡ଼ିଲା, କଷି ଆମ୍ବଗୁଡ଼ାକ ଝଡ଼ିପଡୁଚି । ପୁଷ୍ଟି ଅଭାବରୁ ଗଛ ଫଳ ଧରିରଖି ପାରୁନାହିଁ ବୋଲି ସମସ୍ତେ ଏକମତ ହେଲେ, ମାତ୍ର ଜେଲ୍‌ଖାନାରେ ଯିଏ ପୁଷ୍ଟି ଖୋଜିବ, ସିଏ ତ ଭକୁଆ ! ଘଣ୍ଟା ପଡ଼ିଲା; ସାଢ଼େ ଛ'ଟାରେ ୱାଡ଼ରେ କୋଳପ ପଡ଼ିବ ; ସମସ୍ତେ ଉଠିଲୁଁ ଉପରକୁ ।

ବ୍ରଜଭାଇଙ୍କ ଘରୁ ଖାଇବା ଆସେ ; ପାସ୍ ବନାଇଚନ୍ତି । ଜାଣନ୍ତି, ସକାଳେ ମୁଁ ଖାଇନାହିଁ । ଗାରଦ ଫାଙ୍କ ବାଟେ ପଠାଇଦେଲେ । ଆଚାର ଇତ୍ୟାଦି ଥିଲା, ମାତ୍ର ପୁରାପେଟ ଖାଇପାରିଲି ନାହିଁ । ରାତି ତିନିଟା ବେଳକୁ ଝାଡ଼ା ମାଡ଼ିଲା । ଠିଆହୋଇ ଚେଷ୍ଟାକଲି, ଅସହ୍ୟ ଯନ୍ତ୍ରଣା । ଅଥଚ ବାହାରୁନାହିଁ କିଛିହେଲେ । ଡାକ୍ତରକୁ ବି ଏତେ ରାତିରେ ଡାକିବ କିଏ ? ଦାନ୍ତକାମୁଡ଼ି ବିଛଣାରେ ପଡ଼ିରହିଲି, କେତେବେଳେ ଆଖିକୁ ନିଦ ଆସିଗଲା ବୁଝିପାରିଲି ନାହିଁ । ଲେଖିବାର ଅଧିକାର ନାହିଁ , ସ୍ୱପ୍ନଦେଖିବାର ଅଧିକାର ବି ଛାଏଁ ଛାଏଁ ବିଦାୟ ନେଇଚି ।

ତିନି

ଆଜି ରବିବାର, ଷୋଳ ତାରିଖ । ଭୋଟ୍‌ଦେବାକୁ ଯିବାକୁ ହେବ । ଯଥାରୀତି ଚା ଆସିଲା ବ୍ରଜଭାଇଙ୍କ ପାଖରୁ, କିନ୍ତୁ ଅଶ୍ୱସ୍ତି କଟିଲାନାହିଁ । ଡାକ୍ତରଙ୍କ ପାଖକୁ ଖବର ଗଲା । ଯୋଉ ଔଷଧ ପଠାଇଲେ, ତାକୁ ମଳଦ୍ୱାର ଭିତରେ ଗୁଞ୍ଜିଦେବାକୁ ପଡ଼ିବ । ଗୁଞ୍ଜିଦେଲି ; ଜଳାପୋଡ଼ା ଆରମ୍ଭ ହୋଇଗଲା । ଅଧଘଣ୍ଟା ଉତାରୁ ଝାଡ଼ା ହୋଇଗଲା; ଉଶ୍ୱାସ ଲାଗିଲା । ବୁଝିଲି, ଗୋପାଳ ଭାଣ୍ଡ ଖାଲି ହସାଇବାକୁ ଗପ ଫାନ୍ଦିନାହିଁ । ସଜବାଜହୋଇ ଭୋଟ୍ ଦେବାକୁ ବାହାରି ପଡ଼ିଲି । ଫେରିବା ବାଟରେ ବ୍ରଜଭାଇ ଦୌଡ଼ିଆସି କହିଲେ, 'ବାହାରିଚି' । କହିସାରି ଖବରକାଗଜଟା ଖୋଲି ଦେଖାଇଲେ । ସେ କପିଟା ୱେଲ୍‌ଫେଆର୍ ଅଫିସର୍‌ଙ୍କ ହାତରୁ ପାଇଥିଲେ, ମୁଁ ଆଖି ବୁଲାଇନେବା ପରେ ତତ୍‌କ୍ଷଣାତ୍ ଫେରାଇଦେଲେ । ବୋଲିବା ବାହୁଲ୍ୟ, ଯା ବାହାରିଥିଲା, ତା ମୁଁ ଗୌରକୁ ଦେଇଥିବା ଲେଖାଟା ; ସମ୍ବାଦରେ ଶିରୋନାମ ଥିଲା : **ଜେଲ୍ ଭିତରୁ 'ହଜରତ୍ ମହମ୍ମଦ' ପୁସ୍ତକର ଲେଖକ ରବୀନ୍ଦ୍ରପ୍ରସାଦ ପଣ୍ଡାଙ୍କ ଚିଠି** । କିନ୍ତୁ ୱାଡ଼ ଭିତରକୁ ଯୋଉ କପି ଆସିଲା, ସେଥିରୁ ଏଇ ଅଂଶଟା ସେନ୍‌ସର୍ କରି ବ୍ଲେଡ୍‌ରେ କାଟିଦିଆଯାଇଥିଲା । ସମ୍ଭବତଃ ମୋ ଫଟୋ ଛପାଯାଇଥିଲା ବୋଲି । ମୁସଲମାନ

Digitized by srujanika@gmail.com

କୟେଦୀ ମୋତେ ଚିହ୍ନିପାରି କାଳେ ଅନିଷ୍ଟ କରିବେ ! ବାରିକ ଡକାଭ ଖିଅର ହୋଇପଡ଼ିଲି ଆଉ ଗାଧିଆପାଧିଆ ସାରି ଖାଇବାକୁ ବସିଗଲି । ବ୍ରଜଭାଇ ଚିକେନ୍ ରାନ୍ଧିଥିଲେ , ଶାଗ ଆସିଥିଲା କଟକରୁ, ଡାଲମା ବି । ଜେଲ୍‌ଖାନା ନିରିଖରେ ଦିବ୍ୟଭୋଜନ । ଖାଉଁ ଖାଉଁ ପଚାରିଲି : ପିନାଲ୍ କୋଡ୍ ଯୋଗାଡ଼ ହୋଇପାରିବ ? ବ୍ରଜଭାଇ କହିଲେ ; 'ପୁରା ବହିଟା କି କାମରେ ଲାଗିବ ? ଚାର୍ଜିଙ୍ଗ୍ ସେକ୍ସନ୍ ପାଇଗଲେ ତ ଯଥେଷ୍ଟ । ଆଜି କିନ୍ତୁ ରବିବାର, ମୁଲାକାତ ବନ୍ଦ । ଚେଷ୍ଟାକରୁଚି, ଚାରିଟା ବେଳକୁ ଯିଏ ଖାଇବା ଆଣିବ, ତାକୁ ଦେଇ ଅଣାଇବା ।' ଇଣ୍ଟରନେଟ୍‌ରୁ ଡାଉନ୍‌ଲୋଡ୍ କରି ଅଣାଗଲା । ଧାରା ୨୯୫ A ର ପାଠ ଏହିପରି :

> Whoever, with deliberate and malicious intention of outraging the religious feelings of any class of citizens of India, by words, either spoken or written, or by signs or by visible representations or otherwise, insults or attempts to insult the religion or the religious beliefs of that class, shall be punished with imprisonment of either description for a term which may extend to three years, or with fine, or with both.

ତାହେଲେ, 'ଇଣ୍ଟେନ୍‌ସନ୍' ବା ଅଭିପ୍ରାୟ ନିର୍ଦ୍ଧାରଣ କରିବ ବହିଟା ଅପମାନକରିବାକୁ ଲେଖାଯାଇଚି କି ନାହିଁ । ଅଭିପ୍ରାୟ ପୁଣି, ଡିଲିବ୍ୟାରେଟ୍ ବା ଖାଲି ସୁଚିନ୍ତିତ ହେଲେ ଚଳିବ ନାହିଁ, ମ୍ୟାଲିସ୍ୟସ୍ ବା ବିଦ୍ବେଷପରାୟଣ ହେବା ଦରକାର । ମୁଁ ତ ଆକାଶରୁ ପଡ଼ିଲି । ଫେବ୍ରୁୟାରୀ ୨୦୦୭ରେ ବହି ବାହାରିଥିଲା । ବର୍ଷେକାଳ ହାଟବଜାରରେ ବିକ୍ରୀହେଲା ; ଓଡ଼ିଶାସାରା ବହିମେଳାରେ ରାଜ୍ୟ ପ୍ରଦକ୍ଷିଣ କଲା ; କେହି କହିଲେ ନାହିଁ ଧର୍ମବିଶ୍ବାସ ବା ଧର୍ମମତକୁ ଅବମାନନା କରାଯାଇଚି ; ହଠାତ୍ ୨୦୦୮ ମାର୍ଚ୍ଚ ମାସରେ ସୁଚିନ୍ତିତ ବିଦ୍ବେଷର ଚେର୍ ମିଳିଗଲା ? ଏମିତି ଉତ୍କଟଭାବରେ ଯେ କଟକ ଲାଲବାଗ ଥାନାରେ ଏତାଲା ଜମାପଡ଼ିଲା, କଟକରୁ ବିଦ୍ବେଷ ଗଡ଼ିଗଲା କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ଚଣ୍ଡିଖୋଲ, ତିର୍ତ୍ତୋଲ -ଜଗତ୍‌ସିଂହପୁର ପଛକୁ ପଛ ମାତ୍ର ୪-୫ ଦିନ ଭିତରେ ? ଆଉ, ଲେଖକ ଯେମିତି ଜେଲ୍‌ରେ ପଶିଲେ ,ଥଣ୍ଡାହୋଇଗଲେ ବିବାକ ଧର୍ମପ୍ରାଣ ମୁସଲମାନ ? ତା ହେଲେ, ମୁସଲମାନମାନଙ୍କ ଭଲପାଇଁ ସୁଦ୍ଧା କେହି ପାଟି ଫିଟାଇବେ ନାହିଁ କି ଲେଖିବେ ନାହିଁ ? ମୁସଲମାନ ହୋଇରହିଥିବେ ଆମପାଇଁ ଚିରକାଳ ଅସ୍ପୃଶ୍ୟ ? କିନ୍ତୁ ବହି ତ ଲେଖାଯାଇଥିଲା ଚରିତ ବର୍ଣ୍ଣନାପାଇଁ ନୁହେଁ, ମନୋଥେଇଜ୍ମ (ଏକେଶ୍ୱରବାଦ)ର ସମୀକ୍ଷା ସକାଶେ । ପୂର୍ବବର୍ତ୍ତୀ ଏକେଶ୍ୱରବାଦ ଆସିଥିଲା ଜୁଦାଇଜ୍ମ ଓ କ୍ରିଶ୍ଚାନିଟିରୁ । ସେଥିପାଇଁ ଯୀଶୁଚରିତ ବି ଆଲୋଚନା କରିବାକୁ ପଡ଼ିଚି । ଏ ତ ଯାହାକୁ କୁହନ୍ତି ବ୍ୟାକ୍ଗ୍ରାଉଣ୍ଡ ଅବ୍ ଆଇଡିଆଜ୍ ! କିନ୍ତୁ ଏତେ ସିରିଅସ୍ ବହି ପଢ଼ିଚନ୍ତି କେତେ ଲୋକ ଆମ୍ଭଦେଶରେ ? ଲେଖିବାକୁ ବସି ମୁଁ ତ ନିଜେ ଗଳଦ୍‌ଘର୍ମ ହୋଇଯାଇଚି ବାରମ୍ବାର, ପୁଲିସ୍‌ବାଲା ଏତେ ଚକ୍ଷୁଷ୍ମାନ୍ ଯେ ତାଙ୍କୁ ଜଳଜଳହୋଇ ଦେଖାଗଲା ସୁପରିକଳ୍ପିତ ଧର୍ମବିଦ୍ବେଷ ? ଏମିତି ଆକାଶପାତାଳ

Digitized by srujanika@gmail.com

ଭାବୁଚି ବସିବସି , ଗିରି ଆସି କହିଲା, ପୁଅ ଆସିଚନ୍ତି ଗେଟ୍‌କୁ । ଆଜି ରବିବାର, ମୁଲାକାତ୍ ହେବନାହିଁ, ଆପଣ ଏ କାଗଜଗୁଡ଼ାକ ଦେଖି ଦସ୍ତଖତ୍ କରିଦିଅନ୍ତୁ ; ଅଫିସରୁ ପାସ୍‌କରାଇ ଫେରାଇଦେବି । ହଠାତ୍ ଏତେ ଉତ୍ସାହ ଦେଖି ଖଟକା ଲାଗିଲା । କାଗଜବିଡ଼ା ଫିଟାଇ ଦେଖିଲି, ଦୁଇସେଟ୍ ଓକଲାତ୍‌ନାମା । ପିଲା ତାହେଲେ ଓକିଲ ଠିକ୍‌କରି ଜାମିନ୍ ଦରଖାସ୍ତ ତିଆରି କରିସାରିଲେଣି ! ଓକିଲଙ୍କ ନାଁ ଲେଖାଯାଇଚି ଅମିତ ପ୍ରସାଦ ବୋସ୍ । ଆଗରୁ ଏ ନାଁ କାନରେ ପଡ଼ିନାହିଁ । ବୋଧହେଲା, ଯୁବକ ଓ ନିଷ୍ଠାପର । ଦସ୍ତଖତ୍‌କରି ଗିରିକୁ ଦେଇଦେଲି । ଗିରି ବି ଭୋଗୁଚି ଯାବଜ୍ଜୀବନ କାରାଦଣ୍ଡ; କିନ୍ତୁ ଚଲାକ ଚତୁର ବୋଲି ସୁପରିଟେଣ୍ଡେଣ୍ଟଙ୍କ ପାଖରେ ପିଅନକାମ କରୁଚି । ରାତିରେ ଯେତେବେଳେ ୱାର୍ଡ଼କୁ ଫେରିଲା, ପଚାରିଲି : ପୁଅ କିଛି ଦେଲା ? ବାଆଁରେଇ ହେଲା ; କହିଲା, ଦେଇ ନଥିଲେ ଦେବେନାହିଁ ! ତା ପାଖରୁ ବିଡ଼ିଟିଏ ମାଗିଆଣି ଟାଣିଲି । ବୁଝିଲି, ପ୍ରାପ୍ତିଯୋଗ ଘଟିଚି ।

ଜହ୍ନରାତି । ମୁକୁଳା ଝରକା ବାଟଦେଇ ଜହ୍ନଆଲୁଅ ଆସି ବିଛଣାରେ ପଡ଼ିଚି । ଶୋଇଶୋଇ ଭାବିଲି , କି ବିଚିତ୍ର ଆମ ଦେଶ, ମୋ ଭଳି ବୁଢ଼ାହାଡ଼ା ଲୋକକୁ କାବୁକରିବା କେଣ ଏତେ କଠିଣ ଯେ ରାଷ୍ଟ୍ରକୁ ବନ୍ଦୋବସ୍ତ କରିବାକୁ ପଡୁଚି ସଂଖ୍ୟାଲଘୁକୁ ପ୍ରରୋଚନା ? ଗିଭ୍ ଦି ଡଗ୍ ଆ ବ୍ୟାଡ୍ ନେମ୍ ଆ୍ୟାଣ୍ଡ୍ କିଲ୍ ଇଟ୍ ! ଚାହିଁଥିଲେ ତ କହିପାରନ୍ତି, ଏ ବହି ମୁଁ ଲେଖିନାହିଁ । ପ୍ରକାଶକ ଆ୍ୟାଗ୍ରିମେଣ୍ଟ୍ କରିନାହାନ୍ତି , ବହିରେ ମୋ କପିରାଇଟ୍ ସ୍ୱୀକାର କରାଯାଇ ନାହିଁ, ରୟାଲ୍ଟି ବି ଦେଇନାହାନ୍ତି ପଇସାଟିଏ । ଏଣେ ପାଣ୍ଡୁଲିପି ଅଛି ମୋ ହାତରେ । କୋଉ ସାକ୍ଷ୍ୟ ବଳରେ ପୁଲିସ୍ ପ୍ରମାଣ କରନ୍ତା ବହିର ଲେଖକ ମୁଁ ? କିନ୍ତୁ କାହାକୁ ବିପଦରେ ପକାଇବାପାଇଁ ତ ବହି ଲେଖି ନଥିଲି ! ଇଣ୍ଟେଗ୍ରିଟି ବୋଲି ଗୋଟାଏ ବସ୍ତୁ ଅଛି । ଆଉକିଛି ଥାଉ କି ନଥାଉ, ପାଖରେ ସେଇ ବସ୍ତୁଟିର ଅଭାବନାହିଁ ବୋଲି ହାଣକୁରାଢ଼ୀକୁ ବେକ ପତାଇଦେଲି । ମହମ୍ମଦଙ୍କ ଉପରେ କିଛିହେଲେ ଲେଖିନଥିଲେ, ଭାତହାଣ୍ଡି ଚୁଲୀ ଉପରୁ ଗଡ଼ିପଡ଼ିନଥାନ୍ତା । ଲେଖିଚି ବୋଲି, ହାତୀଘୋଡ଼ା ପାଇନାହିଁ । ପିଙ୍ଗଳ କୋଡର ୨୯୫ (କ) ଦଫା ମୌଳବାଦୀଙ୍କ ପାଇଁ ଉଦ୍ଦିଷ୍ଟ । ଲେଖକ ବା ଶିଳ୍ପୀ ବିରୋଧରେ ସୁବିଧା ଉଣ୍ଡି ପ୍ରୟୋଗ କରିବା ପାଇଁ ନୁହେଁ । କଲିକତାରେ ରହୁଚି; ରାଷ୍ଟ୍ର ଦୃଷ୍ଟିରେ ତେଣୁ ମୁଁ ସଫ୍ଟ ଟାର୍‌ଗେଟ୍ । ଚାହିଁଥିଲେ, ଓଡ଼ିଶା ପୁଲିସ୍‌କୁ ବାଧକରିଥାନ୍ତି ପଶ୍ଚିମବଙ୍ଗ ପୁଲିସ୍ ଦ୍ୱାରା ମୋତେ ଗିରଫ କରିବାକୁ । ଯଥାରୀତି କଲିକତାର ଅଦାଲତରେ ମୋତେ ହାଜିର୍ କରିଥାନ୍ତେ; କଲିକତା ଦୌଡ଼ିଦୌଡ଼ି ନୟାନ୍ତ ହୋଇଥାନ୍ତେ ସରକାର, ମୁଁ ରହିଥାନ୍ତି ଓଡ଼ିଶା ବାହାରେ । କିନ୍ତୁ ମୁଁ ଜାଣିଥିଲି, ଏ ଅଭିଯୋଗ କପୋଳକଳ୍ପିତ । ବହି ଲେଖିଚି ଓଡ଼ିଶାବାସୀଙ୍କୁ ମନରେ ରଖି । କଟକେ ଯାଇ ତାଙ୍କରି ଆଗରେ ଠିଆହେବି ପାଠକ ହିନ୍ଦୁ ହେଉ କି ମୁସଲମାନ୍, ବିଚାର ବିବେଚନା କରି ଦେଖନ୍ତୁ ସାଂପ୍ରଦାୟିକତାକୁ ପ୍ରଚ୍ଛନ୍ନ ଉତ୍ସାହ ଦେଉଚି କିଏ ? ଆଉ, ସେ କାମରେ କାହାର ସ୍ୱାର୍ଥସିଦ୍ଧି ? ଲେଖକର ? ମୁଁ ତ ପଲିଟିକ୍ସ କରୁନାହିଁ । ଯୋଉଠି ପକ୍ଷଗ୍ରହଣ କରିଚି, ଅବଦମିତ ଅପମାନିତ ଅଜ୍ଞ ଲୋକ ସକାଶେ କରିଚି । ଧର୍ମ ମୋପାଇଁ ରହିଚି ଅପ୍ରାସଙ୍ଗିକ । ଚିରକାଳ ।

Digitized by srujanika@gmail.com

ଚାରି

ରାତି ପାହିଲା; ଆଜି ସତର ତାରିଖ, ସୋମବାର । ଜାମିନ୍ ସକାଶେ ଦରଖାସ୍ତ ପେଶ୍‌କରାଯିବ । ଯଦି ଜାମିନ୍ ନ'ମିଳେ, ଜେଲ୍ ବାହାରକୁ ଯାଇ ନପାରେଁ, ବିହସା'ର ଯା ଅବସ୍ଥା, ହୁଏତ ବେଶିଦିନ ବଞ୍ଚିବିନାହିଁ । ଅଥଚ ନିଜ ଅନ୍ତରକୁ ଚାହିଁ ଦେଖିଲି, ମୃତ୍ୟୁଭୟ ଉଭାଇଯାଇଚି । ଜୀବନଠାରୁ ପ୍ରତ୍ୟାଶା କିଛି ଅବଶିଷ୍ଟ ନାହିଁ । ସାଧାରଣ ପରିବାରରେ ଜନ୍ମହୋଇଥିଲି, ଭଲ ଖାଇବା କି ପିନ୍ଧିବା କପାଳରେ ଜୁଟିନାହିଁ । ପାଠ ପଢ଼ିଚି ଯନ୍ତ୍ରଣାଦାୟକ ପରିସ୍ଥିତି ଭିତରେ । ସେଥିପାଇଁ, ଉଚ୍ଚାଭିଳାଷ ପୋଷଣ କରିନାହିଁ । ଆମ ଦେଶରେ ଲୋକ ପାଠ ପଢ଼ନ୍ତି ରୋଜଗାର କରିବେ ବୋଲି ; ରୋଜଗାର କରି ନପାରିଲେ ପାଠଶାଠକୁ ବାପା-ମା' ବି ପଚାରନ୍ତି ନାହିଁ । ସେଇ ଅବସ୍ଥାରେ ଧର୍ମ, ଜାତି ଭଳି ବିଭାଜନରେଖା ଗୁଡ଼ାକ ମନରୁ ପୋଛିହୋଇଯାଏ ବେମାଲୁମ । ଚେଷ୍ଟା ବିଶେଷ କରିନାହିଁ, ବାବନାଭୂତ ହୋଇ ବୁଲୁଁ ବୁଲୁଁ ଚାକିରୀ ଗୋଟାଏ ଜୁଟିଗଲା । ବିବେକ-ବୁଦ୍ଧି ଦ୍ୱାରା ପରିଚାଳିତ ହେବାରୁ ବହୁଲୋକଙ୍କର ଅପ୍ରୀତିଭାଜନ ହୋଇଚି, ଚେଷ୍ଟାକରି କେହି ବାହାରକରିଦେଇ ପାରିଲେ ନାହିଁ ବୋଲି ଚାକିରୀରେ ରହିଗଲି ଛତିଶବର୍ଷ । କଣପାଇଁ ତେବେ ପ୍ରାୟ ଦେଢ଼ହଜାର ବର୍ଷ ଆଗରୁ ଆରବଭୂଖଣ୍ଡରେ ଭୂମିଷ୍ଠ ମହମ୍ମଦ ଆକର୍ଷଣକଲେ ମୋର ମନୋଯୋଗ ? କଣ ଖାଲି ତାଙ୍କ ଛବି ଛାପିଦେଇଚି ବୋଲି ରାଷ୍ଟ୍ର ଆଣି ରଖିଚି ମୋତେ ଜେଲ୍‌ରେ ? ଏଇଭଳି ନାନାବି ବିକ୍ଷିପ୍ତ ଚିନ୍ତା ମନଭିତରେ ଯାତାୟତ କଲା । ପିତୃମାତୃହୀନ ଛୋଉଣ ପାଠ ପଢ଼ିବାର ସୁଯୋଗ ପାଇନାହିଁ; ମରୁଭୂମିରେ ବଡ଼ହୋଇ ଯାଯାବର ଜୀବନର କଷଣକୁ ଚିହ୍ନିଚି । ବାଣିଜ୍ୟସଂସ୍ଥାର କର୍ମଚାରୀ ହୋଇ ଜାଗାବରଜାଗା ପଣ୍ୟବାହୀ ଓଟଯୂଥ ସାଙ୍ଗରେ ବୁଲିଚି । ଦେଖିଚି, ଜୀବନଯାପନର କ୍ରୂରତା ଲୋକ ପାଶୋରି ଯାଇଚନ୍ତି ପିତୁଳାକୁ ଘେରି ପୂଜାପାର୍ବଣ ଭିତରେ । ସୃଷ୍ଟିହୋଇଚି ପୁରୋହିତତନ୍ତ୍ର । ବିଶାଳାୟତନ ମରୁପ୍ରଦେଶରେ ରାଷ୍ଟ୍ର ସଂଗଠିତ ହୋଇନାହିଁ ବୋଲି ଲୋକ ଛିନ୍ନଛତ୍ର । ଐକ୍ୟ ନାହିଁ କି ଶୃଙ୍ଖଳା ନାହିଁ । ସିଭିଲ୍ ସୋସାଇଟି ବହୁଧାବିଦୀର୍ଣ୍ଣ । ଏକେଶ୍ୱରବାଦ ମାଧ୍ୟମରେ ଲୋକଙ୍କୁ କରିଚି ଐକ୍ୟବଦ୍ଧ । ପ୍ରାୟ-ଆଦିମ ଭ୍ରାମ୍ୟମାଣ ଏକ ପଶୁପାଳକ ଜନଗୋଷ୍ଠୀକୁ ଦେଇଚି ବିଧିବଦ୍ଧ ପ୍ରଶାସନ , ଆଇନ୍‌କାନୁନ, ନିତ୍ୟାଚାରରେ ଶୃଙ୍ଖଳା । ସେକାଳକୁ ଚାହିଁ ଏ ରୀତିମତ ବିପ୍ଳବ ! ଏତକ କରିବାପାଇଁ ସିଏ ଘରଦ୍ୱାର ଆତ୍ମୀୟସ୍ୱଜନଙ୍କୁ ଛାଡ଼ିଚି, ଶ୍ରେଣୀଶତ୍ରୁକୁ ମୁକାବିଲା କରିବାକୁ କରିଚି ଅସ୍ତ୍ରଧାରଣ, ଯୁଦ୍ଧ କରିଚି, ଦେଶକୁ ଦେଇଚି ସଂବିଧାନ, ଜାତି-ଉପଜାତିର ବ୍ୟବଧାନ ପୋଛି ଦେଇଚି, ବର୍ଣ୍ଣବୈଷମ୍ୟର କରିଚି ବିଲୋପ, ପ୍ରତିଷ୍ଠା କରିଚି ମାନବିକ ମୂଲ୍ୟବୋଧ । କିନ୍ତୁ ତାଳିତଳୁ ପେଟ୍ରୋଲ୍ ବାହାରିବା ଉତାରୁ ସାମ୍ରାଜ୍ୟବାଦ, ସଂଗଠିତ ସେଇ ବ୍ୟବସ୍ଥାକୁ ଭାଙ୍ଗିଦେଇଚି । ମୁସଲମାନ ହୋଇଚନ୍ତି ରାଜତନ୍ତ୍ରର ଶିକାର, ଆରବଭୂଖଣ୍ଡ ହୋଇଯାଇଚି ଉପନିବେଶ, ସେଇ ବିଭାଜନର

Digitized by srujanika@gmail.com

ସୁଯୋଗନେଇ ଆଜି ଇରାକ୍ ଆଉ ଆଫଗାନିସ୍ଥାନ୍‌ରେ ରାଜତ୍ୱ କରୁଚି ସାମ୍ରାଜ୍ୟବାଦୀ ଧ୍ୱଂସଲୀଳା । ତାକୁ ଇଣ୍ଟେଲେକ୍‌ଚୁଆଲ୍ ବୈଧତା ଦେବାକୁ ହାର୍‌ଭାର୍ଡ଼ର ଅଧ୍ୟାପକ ହଣ୍ଟିଙ୍ଗ୍‌ଟନ୍ କହୁଚନ୍ତି ଧ୍ୱଂସର ବିଭୀଷିକା କୁଆଡ଼େ ସଭ୍ୟତା-ସଭ୍ୟତା ମଧ୍ୟସ୍ଥ ଅଭିଘାତ । ଏଣେ, ପ୍ରତିକ୍ରିୟାରେ ଗଢ଼ିଉଠିଚି ଇସ୍‌ଲାମିକ୍ ସଂତ୍ରାସ । ପ୍ରତିଦିନ ମୁସଲମାନ ମରୁଚନ୍ତି ଶତାଧିକ; କାହିଁକିନା, ପୃଥିବୀ ଆଜି ଏକମେରୁ, ଇଉନିପୋଲାର୍ । ମହମ୍ମଦଙ୍କ ତିରୋଧାନରୁ ଦେଢ଼ହଜାର ବର୍ଷ ଭିତରେ, ବିଶେଷତଃ ଉନବିଂଶ-ବିଂଶ ଶତକରେ ଜ୍ଞାନବିଜ୍ଞାନ ଓ ଉତ୍ପାଦନ-ପ୍ରଯୁକ୍ତିରେ ଘଟିଯାଇଚି ଅଭୂତପୂର୍ବ ଓ ଆମୂଳ ଓଲଟପାଲଟ । ମଧ୍ୟଯୁଗରେ ପଡ଼ିରହିଥିବା ମୁସଲମାନ ଆଜି ତାର ସଦୁପଯୋଗ କରି ଗଢ଼ିତୋଳିବା ଦରକାର ସାମ୍ରାଜ୍ୟବାଦ ବିରୋଧରେ ପ୍ରବଳ ପରାକ୍ରମ, କାହିଁକିନା, ସାମ୍ରାଜ୍ୟବାଦ ସୃଷ୍ଟିକରେ ଅନୈକ୍ୟ; ଯେପରି, ସିଆ-ସୁନ୍ନି, ହିନ୍ଦୁ-ମୁସଲମାନ, ସମ୍ପତ୍ତିଗତ ବୈଷମ୍ୟ, ସାମାଜିକ ହିଗେମନି । ଏଇ କଥା କହିବା ସକାଶେ ଲେଖିଥିଲି ସେ ବହି । ରାଷ୍ଟ୍ର ତାକୁ ବ୍ୟବହାର କରିଚି ମୁସଲମାନଙ୍କ ଦାରିଦ୍ର୍ୟ ଓ ଅଶିକ୍ଷାର ସୁଯୋଗ ନେଇ ମୋ ବିରୋଧରେ । ଚେଷ୍ଟାକରୁଚି ଏଇ ଡିଭାଇଜିଭ୍‌ନେସ୍-କୁ ଦୁର୍ମର କରିବାକୁ ବହିଟାକୁ ବ୍ୟାଜ୍ୟାପ୍ତ କରି । ଭାରତର ଭୋଗବାଦୀ ବୁର୍ଜୋୟା ଆମେରିକା ପାଖରେ ଆତ୍ମବିକ୍ରୟ କରିବାକୁ ଆଜି ତତ୍ପର । ବୁର୍ଜୋୟା ଯେ ମୋତେ ପ୍ରତିହତ କରିବାକୁ ମୁସଲମାନଙ୍କୁ ବ୍ୟବହାର କରିବ, ସେଥିରେ ମୋର ଆଶ୍ଚର୍ଯ୍ୟହେବା କଥା ନୁହେଁ । କିନ୍ତୁ ପିନାଲ୍ କୋଡ ସାମ୍ରାଜ୍ୟବାଦକୁ ବିବେଚନା କରେନା ଜନସାଧାରଣଙ୍କ ପ୍ରତି ବିଦ୍ୱେଷ । ଅର୍ଥାତ୍, ଆଜି ଜାମିନ୍ ପାଇଲେ ବି, ଆଉ କେତେଥର ଆସିବାକୁ ହେବ ଏଠିକି, କିଏ କହିବ ? କିନ୍ତୁ ମୁଁ ବ୍ୟକ୍ତିବିଶେଷ ମାତ୍ର ; ଶହେଦଶ କୋଟି ମଣିଷଙ୍କ ଭିତରେ ବୁଦ୍‌ବୁଦ; ମରିଯିବା ପରେ ମଧ୍ୟ ସାମ୍ରାଜ୍ୟବାଦ ବିରୋଧରେ ସଂଗ୍ରାମ ବଞ୍ଚିରହିବ । ବ୍ୟକ୍ତିବିଶେଷର ଭୂମିକା ତେଣୁ ନଗଣ୍ୟ; ମୋଠୁଁ ଢ଼େର କମ୍ ବୟସରେ ଭଗତ୍ ସିଂ ଫାଶିପାଇଚନ୍ତି । ଯା ପ୍ରାସଙ୍ଗିକ, ତା କେବଳ ଧର୍ମମତ ନିର୍ବିଶେଷରେ ଭାରତର ଦୁର୍ଗତ ବଞ୍ଚିତ ଜନସାଧାରଣଙ୍କ ମିଳିତ ସାମ୍ମୁଖ୍ୟ । ସେଭଳି ସଂଗଠନର ଦୃଷ୍ଟାନ୍ତ ମହାପୁରୁଷ ମହମ୍ମଦ ଛାଡ଼ିଯାଇଚନ୍ତି ଇତିହାସରେ । ତାଙ୍କୁ ଇତିହାସ-ଭୂଗୋଳରୁ ବିଚ୍ଛିନ୍ନକରି ବିମୂର୍ତ୍ତ କରିଦେବା ଅସମୀଚୀନ । ଅନ୍ତତଃ ଯୁକ୍ତି-ପରମ୍ପରାରେ ।

ସପ ଉପରେ ଆଖିବୁଜି ପଡ଼ିରହି ଏଇସବୁ ଭାବୁଥିବାବେଳେ ମୁଲାକାତ୍‌କୁ ଡ଼ାକରା ଆସିଲା । ଜାମାପିନ୍ଧି ଯାଉଁଯାଉଁ ଭାବିଲି, ବହିରେ ଯେ ଏଇ କଥାଗୁଡ଼ାକ ଅ୍ୟାକାଡେମିକ୍ ପଦ୍ଧତିରେ ଚର୍ଚ୍ଚାକରାଯାଇଚି, ସରକାରୀ ଅମଲା ଓ ଶିକ୍ଷିତ ମୁସଲମାନମାନଙ୍କ ଦୃଷ୍ଟିରେ ପଡ଼ିଲା ନାହିଁ କେମିତି ? ପୁଲିସ୍ ଅଫିସର୍ ତ ନିର୍ବୋଧ ନୁହେଁ, ଯଥେଷ୍ଟ ଶିକ୍ଷିତ । ଚାକିରୀ ସ୍ୱାର୍ଥରେ କଳ ଭଳି ଯା କରନ୍ତୁ, ତାଙ୍କ ଭିତରେ ବିବେକ ଓ ପରିଶୀଳିତ ମନ ବୋଲି ତ ଗୋଟାଏ ଜିନିଷ ଅଛି ! ଯାଇ ଦେଖିଲି, ଲୁହାବାଡ଼ ପଛରେ ଝିଅ ଠିଆହୋଇଚି । ବହି ଆଣିଚି, କାଜୁବାଦାମ ଆଉ ସୋନ୍‌ପାପଡ଼ି ଆଣିଚି । ଏଇ କେତେଟା ଦିନ ଅର୍ଦ୍ଧଭୁକ୍ତ ଅଭୁକ୍ତ

Digitized by srujanika@gmail.com

ଅବସ୍ଥାରେ ରହିବା ଫଳରେ ମୋ ପାଟିରୁ ରୁଚି ଚାଲିଯାଇଛି । କହିପଡ଼ିବା ଭଳି ମନର ଅବସ୍ଥା ନୁହେଁ । ବିରକ୍ତ ହେଲି । କହିଲା, ପୁଅ ଓ ଜୋଇଁ ଓକିଲକୁ ସାଙ୍ଗରେ ନେଇ ଅଦାଲତକୁ ଯାଇଚନ୍ତି , ଆଜି ହୁଏତ ଶୁଣାଣି ହୋଇଯିବ । ହସିଲି; ଏଭିଡେନ୍ସ ସଜାଇବାକୁ ସରକାରଙ୍କ ହାତରେ ବିପୁଳକାୟ ମେସିନାରି ରହିଚି ; ଜଜ୍ ତ ଏଭିଡେନ୍ସ ବାହାରକୁ ଯାଇପାରିବେ ନାହିଁ ! ତୁ ବେଶି ଆଶାବାଦୀ ହୁଅନା । ମୁଁ ତ ଜାମିନ୍ ଚାହିଁବିନାହିଁ ବୋଲି ଇନ୍ସପେକ୍ଟର୍ ସ୍ୱାମୀଙ୍କୁ କହିଥିଲି, କଥାବାର୍ତ୍ତା ଆମ ଘରେ ବସି ମୋବାଇଲ୍‌ରେ ରେକର୍ଡ଼ କରିଚନ୍ତି । ତମେସବୁ ବ୍ୟଗ୍ରହୋଇ କଟକ ଚାଲିଆସି ଝମେଲା କରୁଚ । କେତେଦିନ ଆଉ ବଞ୍ଚିବି, ଜେଲ୍‌ଖାନାରେ ମରିଗଲେ ଆକାଶ ଭାଙ୍ଗିପଡ଼ିବ ନାହିଁ । ଜୀବନରେ ଏମିତି କୋଉ ଅପକର୍ମ କରିନାହିଁ ଯେ ମରିଗଲେ ତମର ଲଜ୍ଜାର କାରଣ ହେବି । କହିଲା, ତମେ ଖାଉନାହଁ; ଉପରଓଳି ହୋଟେଲ୍‌ରୁ ଖାଇବା ନେଇଆସିବି । ମୁଁ କହିଲି, ସେଥିପାଇଁ ଅନୁମତି ନେବାକୁ ପଡ଼ିବ; ତା ଛଡ଼ା , ଚାମଚ ପୂରାଇ ଯାଞ୍ଚ୍ କରିବେ । ଖାଇବା ଜିନିଷ ଘାଣ୍ଟିହୋଇଗଲା ପରେ ପାଟିରେ ଦେଇହେବ ନାହିଁ । ମନ ଖରାପକରି ଚାଲିଗଲା ।

ୱାର୍ଡ଼କୁ ଫେରିଆସି ଦେଖିଲି ବ୍ରଜଭାଇ ଅପେକ୍ଷାକରି ବସିଚନ୍ତି । କହିଲେ 'ଆଜି ଆପଣଙ୍କ ଜାମିନ୍ ମଞ୍ଜୁର ହୋଇଯିବ , ବିମର୍ଷ ଦିଶୁଚନ୍ତି କାହିଁକି ?' ଜ୍ୟୋତିଷମାନଙ୍କୁ କଡ଼ାକଥା କହିବା ଅନ୍ୟାୟ । ସାଙ୍ଗରେ ବସି, ତାଙ୍କରି ଘରୁ ଆସିଥିବା ଭାତ–ତରକାରି ଖାଇଲି । ଉଠିଆସି ସପ ଉପରେ ଆଖିବୁଜି ପଡ଼ିରହିଚି, ଗମ୍ଭୀର ଗଳାରେ କିଏ ଡାକିଲା, 'ସାର୍' । ଭାବିଲି, ଗିରି ଡରିଯାଇଚି , କାହିଁକିନା, ଝିଅ ଆଜି ତାକୁ ପଚାରିଚି, ମୋ ଭାଇ ତମକୁ କାଲି ପାଞ୍ଚଶ ଟଙ୍କା ଦେଇଯାଇଚି ବାପାଙ୍କୁ ସିଗାରେଟ୍ କିଣିଦେବା ପାଇଁ, ବିଡ଼ି ଦଉଚ କାହିଁକି ? କିନ୍ତୁ ଆଖିଖୋଲି ଦେଖିଲି , ଚିତାଚଇତନ ହୋଇ ଧୋତିଚାଦର ପରିହିତ ଜଣେ ଦାଢ଼ିବାଲା ଭଦ୍ରଲୋକ । କହିଲେ, ମୁଁ ଜଣେ ହେଡ୍‌ମାଷ୍ଟର , *ଭଗବଦ୍‌ଗୀତା* ପାରାୟଣ ସଭାଟେ କ୍ଲବ୍ ଡିଆରିକରିଚି ; ଆଜି କିଛି କହିବେ ; ସମସ୍ତେ ଅପେକ୍ଷାକରି ବସିଚନ୍ତି ।' ପଡ଼ିଲି ଅଠାକାଠିରେ । କହିଲି, ଇସ୍‌ଲାମ ଧର୍ମର ପ୍ରବର୍ତ୍ତକ ପୟଗମ୍ବର ମହମ୍ମଦଙ୍କ ଛବି ମଲାଟରେ ଛାପି ବହି ଲେଖିଥିବା କାରଣରୁ ଏଠିକି ଆସିଚି । ଠାକୁରଦେବତାଙ୍କ ବିଷୟରେ କଣ ଅବା କହିପାରିବି ? ମହମ୍ମଦ ଖଣ୍ଡା ଓ ଛୁରୀ ଧରି ଛିଡ଼ାହୋଇଚନ୍ତି ବୋଲି ଆପତ୍ତି ଉଠିଚି । ସିଏ କହିଲେ, 'ସାର୍, ଆମର ରାମଙ୍କର ଅଛି କୋଦଣ୍ଡ, କୃଷ୍ଣଙ୍କର ସୁଦର୍ଶନଚକ୍ର, ଶିବଙ୍କର ତ୍ରିଶୂଳ, ଦୁର୍ଗାଙ୍କର ଦଶପ୍ରହରଣ; ଗୁରୁ ଗୋବିନ୍ଦ ସିଂ ବି ଅଣ୍ଟାରୁ ତରବାରି ଝୁଲାଇ ଘୋଡ଼ା ଉପରେ ବସିଚନ୍ତି । ମହମ୍ମଦ ତ ପୀର କି ଦରବେଶ୍ ନୁହେଁ ; ଆପତ୍ତି ସ୍ୱତଃସ୍ଫୂର୍ତ୍ତ ନୁହେଁ , ବାହାରୁ ମଦଦ୍ ଦେଇ ଲୋକଙ୍କୁ ମତାଇ ଦିଆଯାଇଚି । ତା ଛଡ଼ା *ଗୀତା* ତ ଯୁଦ୍ଧକ୍ଷେତ୍ରର ଘଟଣା, ଆପଣ ଯିବେନାହିଁ କାହିଁକି ? ଆମ ଭିତରେ ବି ମୁସଲ୍‌ମାନ ଅଛନ୍ତି ।' ଗଲି । ମୁସଲମାନ ବି ଦେଖିଲି । ଯା କହିଲି, ତାର ସାରାଂସାର ହେଲା, କୃଷ୍ଣ ଯୋଉ ଉପଦେଶ ଦେଇଚନ୍ତି ଅର୍ଜୁନକୁ, ସେଥିରେ

Digitized by srujanika@gmail.com

ଯୁକ୍ତି ନାହିଁ, କାହିଁକିନା, ବୁଦ୍ଧିବିବେକକୁ ସମର୍ପଣକରି କଳ ଭଳି ମଣିଷ ମାରିବାକୁ କୁହାଯାଇଛି, ମାମେକଂ ଶରଣଂ ବ୍ରଜ / ନିମିତ୍ତମାତ୍ରଂ ଭବ ସବ୍ୟସାଚୀ ।

ୱାର୍ଡ଼କୁ ଫେରିବା ବାଟରେ ଲୋକ ଆସି କହିଲା, ଶିବାଜି ପଟ୍ଟନାୟକ ମୁଲାକାତ୍‌କୁ ଆସିଚନ୍ତି । ତାଙ୍କ ସହିତ ର୍‌ୟାଭେନ୍‌ଶ କଲେଜ୍ ଦିନରୁ ସଂସ୍ରବ । ଯାଇ ଦେଖିଲି, ତାଙ୍କ ସାଙ୍ଗରେ ବସିଚନ୍ତି ତାଙ୍କ ପାର୍ଟିର ରାଜ୍ୟକମିଟି ସଭ୍ୟ ସନ୍ତୋଷ ଦାସ । ଶିବାଜିବାବୁ କହିଲେ; 'ଖବରକାଗଜରୁ ପଢ଼ିଲି, ତମେ ଜେଲ୍‌ରେ ଅଛ । କିନ୍ତୁ ବହିଟାକୁ ନପଢ଼ି ଆସନ୍ତି କେମିତି ? ବହି ତ କିଣିବାକୁ ମିଳୁନାହିଁ, ଗୋଟାଏ ଫଟୋକପି ଯୋଗାଡ଼କରି ପଢ଼ିଲି । ସେଥିରେ ମୋକଦ୍ଦମା ରୁଜୁକରିବା ଭଳି କି ଜିନିଷ ଅଛି !' ମୁଁ କହିଲି, ପ୍ରଧାନ ଆପତ୍ତି ମଲାଟରେ ମହମ୍ମଦଙ୍କ ଚିତ୍ର । ସିଏ କହିଲେ, 'ଆମେ ତ ପିଲାଦିନେ ଯୋଉ ବହି ପଢ଼ୁଥିଲୁଁ ଇସ୍କୁଲ୍‌ରେ, ସେଥିରେ ମହମ୍ମଦଙ୍କ ଚିତ୍ର ଥିଲା । ଆଉ ଏକଥା ବି ପଢ଼ିଥିଲୁଁ, ଗୋଟେ ହାତରେ ତଲ୍‌ୱାର୍, ଆଉ ଆରହାତରେ କୁରାନ୍ ଧରି ସିଏ ଧର୍ମ ବିସ୍ତାର କରିଥିଲେ ।' ମୁଁ କହିଲି, କଥାଟା ଅର୍ଦ୍ଧସତ୍ୟ, କାହିଁକିନା, ମହମ୍ମଦଙ୍କ ମୃତ୍ୟୁର ଅଠରବର୍ଷ ଉତାରୁ କୁରାନ୍ ସଙ୍କଳିତ ହୋଇଚି, ସିଏ ନିଜେ କିଛି ଲେଖିନାହାନ୍ତି ; ଯେପରି, ବୁଦ୍ଧ କି ଯୀଶୁ ନିଜେ କିଛି ଲେଖିନାହାନ୍ତି । ସିଏ କହିଲେ, 'ତଲ୍‌ୱାର୍ ତେବେ ଆପତ୍ତିର କାରଣ ହେଲା କାହିଁକି ? ଯେକୌଣସି ଆରବ ସୌଦାଗର ତ ମରୁଭୂମିରେ ଆତ୍ମରକ୍ଷା ସକାଶେ ଛୁରି-ତରବାରି ସାଙ୍ଗରେ ନେଉଥିଲେ ।' କହିଲି, ଆମ ଆଦିବାସୀ ବି କାନ୍ଧରେ ଟାଙ୍ଗିଆ ପକାଇ ବାଟ ଚାଲେ; ମାତ୍ର ମହମ୍ମଦଙ୍କୁ ଦମନକରିବାକୁ ପଡ଼ିଚି ଅରାଜକତା, ପ୍ରତିପକ୍ଷର ଆକ୍ରମଣ, ପୌତ୍ତଳିକତା ଓ ଇହୁଦୀ-ଖ୍ରୀଷ୍ଟାନ୍‌ଙ୍କ ହାତରେ କୃଷି ଓ ବାଣିଜ୍ୟର ମନୋପଲି । ତାଙ୍କ ଅସ୍ତ୍ରଶସ୍ତ୍ର ତେଣୁ ଯାତ୍ରାବାଲାଙ୍କ ଖଣ୍ଡାତଲ୍‌ୱାର୍ ନୁହେଁ କି ଆମ କାଳୀଠାକୁରାଣୀଙ୍କ ହାତର ରକ୍ତମଖା ଖଡ୍ଗ ନୁହେଁ । ସେତେବେଳେ ତ କ୍ୟାମେରା ବାହାରିନାହିଁ, ଇତିହାସ- ସୂତ୍ରରୁ ତାଙ୍କ କାର୍ଯ୍ୟକଳାପ ଅନୁଧ୍ୟାନ କରି ଶିଳ୍ପୀ ପ୍ରତିକୃତି ଆଙ୍କିଚି । ମୁଁ ସେ ପ୍ରତିକୃତି **ଏନ୍‌ସାଇକ୍ଲୋପିଡିଆ ଅବ୍ ଓ୍ୱାର୍ଲ୍ଡ ରିଲିଜନ୍‌ସ୍** ରୁ ପାଇଚି ; ନିଜେ କଳ୍ପନା କରିନାହିଁ । ଚୁପ୍‌ହୋଇ ବସିରହିଲେ । କହିଲେ, 'ଆଉ କଣ ଆପତ୍ତି ?' କହିଲି, ବହିର ଭାଷା । ହସିଲେ, 'ତମ ଗଦ୍ୟକୁ ତ କିଏ କହିଚନ୍ତି ପ୍ରୋଜ୍ ଅବ୍ ଥଟ୍ !' କହିଲି, 'ଦେଖାଯାଉ, ମୋତେ ଏଥର କଚେରୀକୁ ଆସି ଓକିଲଙ୍କ ପାଖରୁ ଭାଷା ବ୍ୟବହାର ବିଧିବିଧାନ ଶିଖିବାକୁ ପଡ଼ିବ ।' ସେମାନେ ଉଠି ଚାଲିଗଲେ ।

ୱାର୍ଡ଼କୁ ଫେରିଯାଉଚି, ବାଟରୁ ଫେର୍ ଡାକିଆଣିଲେ । ଝିଅ ଭାତ-ମାଛ ନେଇ ଆସିଚି । ଜେଲ୍‌ବାଲା ବି ତାମଚ ପୁରାଇ ଘାଣ୍ଟିନାହାନ୍ତି । ଦେଖୁଦେଖୁ କହିଲା, ଆଜି ବି ଶୁଣାଣି ହୋଇପାରିଲା ନାହିଁ ; ଶନିବାର ଦିନ ହାଇକୋର୍ଟ୍ ବନ୍ଦଥିଲା । ଆଜି ଗଙ୍ଗାଧର ରଥଙ୍କ ସକାଶେ ଶୋକ ପ୍ରକାଶକରି ସବୁ ଅଦାଲତକୁ ଛୁଟି ଦେଇଦେଇଚନ୍ତି ; କିନ୍ତୁ ଆମ ଦରଖାସ୍ତ ଜଜ୍ ଗ୍ରହଣ କରିଚନ୍ତି । ଆଜି ଏତିକି

Digitized by srujanika@gmail.com

ଖାଇଦିଅ,କାଲି ବି ଆଣିବି । ମୁଁ ତ ନିର୍ବିକାର ହୋଇଗଲିଣି, ବାହାରକୁ ଆସି ଦେଖିଲି ସୂର୍ଯ୍ୟ ଅସ୍ତ ଯାଉଚନ୍ତି । ଚୈତ୍ରମାସର ଆକାଶରେ ଆସନ୍ନହୋଲିର ସଙ୍କେତ ।

ପାଞ୍ଚ

ଆଜି ଅଠର ତାରିଖ, ମଙ୍ଗଳବାର । ଗତକାଲି ଆମ ୱାଡ଼କୁ ଖବରକାଗଜ ଆସିନାହିଁ, କିଏ ଭୁଟିରେ ଥିଲା । ବ୍ରଜଭାଇ ଆଜିକା କାଗଜ ସାଙ୍ଗରେ ସତରେ ତାରିଖ କାଗଜ ଅଣାଇଦେଲେ । ସେଥିରେ ଗୋଟିଏ ରଙ୍ଗୀନ୍ ଚିତ୍ର ବାହାରିଚି, ମୋ ଗିରିଫଦାରିର ପ୍ରତିବାଦକରି ଲେଖକମାନେ ଷୋଳ ତାରିଖରେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରକାଶକରିଚନ୍ତି । ଅନୁଜପ୍ରତିମ କୃତବିଦ୍ୟ କବି ରାଜେନ୍ଦ୍ରକିଶୋର ପଣ୍ଡାଙ୍କ ଦୃପ୍ତଭଙ୍ଗୀ ଲକ୍ଷ୍ୟକରି ମନେହେଲା, ମୁଁ ବି ବୁଢ଼ା ହୋଇନାହିଁ । ଝିଅ-ପୁଅ ପ୍ଲାକାଡ଼ ଧରି ଛିଡ଼ାହୋଇଚନ୍ତି , ସମସ୍ତଙ୍କ ମୁହଁରେ ସଙ୍କଳ୍ପର ଗାମ୍ଭୀର୍ଯ୍ୟ । ତାହେଲେ ମୁଁ ନିଃସଙ୍ଗ ନୁହେଁ । ବିବାକ ପିଲା ତାହେଲେ କମ୍ପଉଟର୍-କୁଲି ହୋଇଯାଇ ନାହାନ୍ତି, ବିବେକ ତେବେ ମରିଯାଇନାହିଁ ? ଏମାନେ ସାହିତ୍ୟକୁ ଶ୍ମଶାନ ହେବାକୁ ଦେବେନାହିଁ , ପାଟଯଥା ସୁବର୍ଣ୍ଣ କୁଣ୍ଡଳ ଲୋଭରେ ଯୋଉ ସାକ୍ଷୀଗୋପାଳ ଚିରକାଳ ଆତ୍ମବିକ୍ରୟ କରିଚନ୍ତି, ବିଶେଷତଃ ଓଡ଼ିଶା ଭଳି ଗରିବ ରାଜ୍ୟରେ, ସେମାନଙ୍କୁ ମନେରଖିଚନ୍ତି କେବଳ ଜରଦ୍‌ଗବ ଅଧାପକ, ଇଂରେଜୀରେ ସାହିତ୍ୟର ଇତିହାସ ଲେଖିବେ ବୋଲି । ଜନମାନସରୁ କିନ୍ତୁ ପୋଛିହୋଇ ଯାଇଚନ୍ତି ଏଇ ପାରିଷଦ ଶାସକଶ୍ରେଣୀର ଯତ୍‌ପରୋନାସ୍ତି ପୃଷ୍ଠପୋଷକତା ସତ୍ତ୍ୱେ । ଏଇ ପିଲାଙ୍କ ମୁହଁକୁ ଚାହିଁ ଅନୁଭବକଲି ବନ୍ଦିଶାଳା ବାହାରେ ଆଜି ବସନ୍ତ ।

ସମାଜ ଲେଖିଛି......... ପୁସ୍ତକକୁ ନେଇ ବୌଦ୍ଧିକ ବିତର୍କ ପରିବର୍ତ୍ତେ ମୌଳବାଦୀ ସଂଗଠନର ଏତଲାକ୍ରମେ ଶ୍ରୀ ପଣ୍ଡାଙ୍କୁ ଗିରଫ କରିବା ପଛରେ ବାକ୍‌ସ୍ୱାଧୀନତା ଓ ଅଭିବ୍ୟକ୍ତିର ଅଧିକାରକୁ କ୍ଷୁର୍ଣ୍ଣ କରିବାର ଷଡ଼ଯନ୍ତ୍ର ରହିଛି ବୋଲି ଅଭିଯୋଗ ହୋଇଛି........

ସମ୍ବାଦ ଲେଖିଚି .... ସଭାପତିତ୍ୱ କରି ବରିଷ୍ଠ କବି ରାଜେନ୍ଦ୍ରକିଶୋର ପଣ୍ଡା କହିଲେ ଯେ ଶ୍ରୀ ପଣ୍ଡାଙ୍କ ପ୍ରତି ଯେଉଁ ୨୯୫ (କ) ଧାରା ବ୍ୟବହାର କରାଯାଇଛି ତାହା ଯଥାର୍ଥ ନୁହେଁ । ଏ ରାଜ୍ୟରେ କଳାତ୍ମକତାର ବିଚାର ପୁଲିସ୍ ସବ୍‌ଇନ୍ସପେକ୍ଟର୍ କରିବା ଦୁର୍ଭାଗ୍ୟଜନକ ।........

ଜେଲ୍‌ଭିତରେ ରହିଚି, ଆଇନ୍-ବହି ଦେଖିବାର ଅବକାଶ ନାହିଁ; ଚେଷ୍ଟାଚରିତ୍ର କରି ୨୯୫(କ) ଧାରାର ପ୍ରତିଲିପି ଇଣ୍ଟର୍‌ନେଟ୍‌ରୁ ଅଣାଇଚି । ତାର ପ୍ରୟୋଗଯୋଗ୍ୟତା ବିଶେଷଜ୍ଞ ସହିତ ପରାମର୍ଶକରି ବିବେଚନା କରିପାରିନାହିଁ । ଏକ୍ଷଣି ଦେଖିଲି, ରେଭିନିଉ ବୋ ର୍ଡ଼ର ପୂର୍ବତନ ମେମ୍ବର୍ କହୁଚନ୍ତି , ଭାରତୀୟ ପିନାଲ କୋଡ୍-ର ସେ ଦଫାର, ମୋ

Digitized by srujanika@gmail.com

ପ୍ରତି ପ୍ରୟୋଗ, ଯଥାର୍ଥ ନୁହେଁ । ମନରେ ବଳ ପାଇଲି । କିନ୍ତୁ ପୁଲିସ୍ ତ ଆଜ୍ଞାବହ ମାତ୍ର । ପ୍ରକୃତ ଉଦ୍ଦେଶ୍ୟ, ସମାଜ ଯାହାକୁ କହିଚି ବାକ୍‌ସ୍ୱାଧୀନତା ଓ ଅଭିବ୍ୟକ୍ତିର ଅଧିକାରକୁ କ୍ଷୁର୍ଣ୍ଣକରିବାର ଅଭିସଂଧି । ମୌଳବାଦୀ ତ ସବୁ ଧର୍ମରେ ଅଛନ୍ତି ; ରାଷ୍ଟ୍ର କିନ୍ତୁ ତାଙ୍କ କଥାରେ ଉଠାବସା କରେନା । ଦରକାର ପଡ଼ିଲେ, ରାଷ୍ଟ୍ର ସେମାନଙ୍କୁ ବ୍ୟବହାର କରେ । କାହିଁକିନା, ଗରିବ ନିରକ୍ଷର ଲୋକଙ୍କୁ ଉତ୍ତେଜିତ କରିପାରିବା ଏମାନଙ୍କ ପକ୍ଷରେ ସହଜସାଧ୍ୟ । ତାହେଲେ ବଞ୍ଚିତ ନିର୍ଯ୍ୟାତିତ ଲୋକଙ୍କ କ୍ରୋଧ ରାଷ୍ଟ୍ର ପରିବର୍ତ୍ତେ ପରସ୍ପର ବିରୋଧରେ ନିଆଁଜାଳିଦେଇପାରେ । ରାଷ୍ଟ୍ର ସେତେବେଳେ ନାହିରେ ତେଲ ଦେଇ ଶୋଇପଡ଼ିବ , ଲୋକ ମାର୍‌ପିଟ କରି ମରିବେ, ଦରିଦ୍ରଲୋକଙ୍କ ଭିଡ଼ରେ ହାଜତ୍ ଭରିଯିବ, କୁହାଯିବ ଏମାନେ ଆଣ୍ଟିସୋସାଲ୍ । ଯେକୌଣସି ପ୍ରତିକ୍ରିୟାଶୀଳ ଶାସକଗୋଷ୍ଠୀ ସକାଶେ ଏ ଏକ ପରିଚିତ ରାଜନୀତିକ କୌଶଳ, ଡ଼ିଭାଇଡ୍ ଆଣ୍ଡ୍ ରୁଲ୍ !

ମୋତେ କାହିଁକି ବାଛିଲେ ? କାହିଁକିନା, ମୁଁ ଓଡ଼ିଶାରେ ରହୁନାହିଁ, ମୋ ପଛରେ ଲୋକ ନାହାନ୍ତି । ପଇସା ନାହିଁ କି ପ୍ରଭାବ ନାହିଁ ; ଅଥଚ ଅଗଡ଼ମ୍ ବଗଡ଼ମ୍ ଲେଖି ରାଷ୍ଟ୍ର ବିରୋଧରେ , ବଞ୍ଚିତ ମଣିଷଙ୍କ ସପକ୍ଷରେ, ଲଢ଼ିଯାଉଚି । କଲିକତାରୁ ବାନ୍ଧି ଆଣିଲେ କାକପକ୍ଷୀ ବି ଜାଣିବ ନାହିଁ । ଶୁକ୍ରବାର ତିନିଟା ବେଳକୁ କଚେରିକୁ ନେଲେ, ଅର୍ଡ଼ର ପାଇବାକୁ ସଞ୍ଜ ହେବ । ଶନିବାର ହାଇକୋର୍ଟ ଛୁଟି, ରିଟ୍ ଆବେଦନ କରିପାରିବ ନାହିଁ । ଜାମିନ୍ ନାମଞ୍ଜୁର କରିବାକୁ ହେଲେ ମ୍ୟାଜିଷ୍ଟ୍ରେଟ୍‌କୁ ଦୁଇଟି ଏଭିଡେନ୍ସ ଦରକାର; (କ) ଏପରି ଏକ ଚାର୍ଜିଙ୍ଗ୍ ସେକ୍ସନ ଯା ନନ-ବେଲେବ୍ଲ, (ଖ) ଶୁଣାଣି ଚାଲିଲାବେଳେ କଚେରୀ ହତାରେ କିଛି ବିକ୍ଷୋଭକାରୀଙ୍କ ସମାବେଶ । ସେଭଳି ସମାରୋହ, ପୁଲିସ୍‌ର ମଦଦ୍ ପାଇଲେ, ଯୋଗାଡ଼ କରିବା ସହଜ । ମୋ କ୍ଷେତ୍ରରେ ମ୍ୟାଜିଷ୍ଟ୍ରେଟ୍ ଲେଖିଚନ୍ତି , ପ୍ରସିକିଉସନ୍ ତରଫରୁ କୁହାଯାଇଚି କୋର୍ଟ ବାହାରେ ଟେନ୍‌ସନ୍ ରହିଚି ; ଅଭିଯୁକ୍ତକୁ ଏକ୍ଷଣି ମୁକୁଳାଇଦେଲେ 'There will be communal voilence' । ସାଂପ୍ରଦାୟିକ ହିଂସା କଚେରି ଦୁଆରମୁହଁରେ ଦେଖାଦେଲେ, କଚେରି ଲେଖକକୁ ସୁରକ୍ଷା ଦେବାକୁ ପୁଲିସ୍‌କୁ କହିବ ନା ତାକୁ ଜେଲ୍‌ହାଜତ୍‌କୁ ପଠାଇଦେବ ? ଅର୍ଥାତ୍ ବୁଢ଼ା ଏଥର ବୃନ୍ଦ ଘରେ ବସି ନାତିନାତୁଣୀଙ୍କ ସାଙ୍ଗରେ ନଖେଳି, ଏଇ ବୟସରେ ଉଗ୍ରି ହେଲେ ପାଣି କେଉଁଦୂର ଗଡ଼ିଯାଇପାରେ । ଆଉ ଯା ହେଉ, ଶୁକ୍ର-ଶନି-ରବି, ଏଇ ତିନିରାତି ତ ମାମୁଘରେ ରହିବ ! ଆଉ, ଛାଡ଼ପାଇଲେ ବି, ଆଉ କେବେ ସାହସ କରିବନାହିଁ କଲମ ଧରିବାକୁ । ବେପାରି ପ୍ରକାଶକଗୁଡ଼ାକ ତ ଛେରୁଆ, ବୁଢ଼ା ଲେଖିଲେ ବି ଛାପିବାକୁ କେହି ରାଜିହେବେ ନାହିଁ । ଆଉ ଯିଏ ଫକଫକ ହେଉଥିଲେ, ଯାକୁ ଦେଖି ଗୋଡ଼ସଂଧିରେ ଲାଞ୍ଜ ଜାକି ପଳାଇଯିବାକୁ ବାଟ ପାଇବେ ନାହିଁ । ସତକୁ ସତ, ପରିକଳ୍ପିତ ଏଇ 'ଓର୍‌ଲ୍ଡ ଥିଙ୍କର୍ସ' ସିରିଜ୍‌ର ଆଉ ତିନିଟା ବହି ଗ୍ରୀକ୍‌ଭାବୁକ ସୋକ୍ରତିଜ୍, ପ୍ଲାଟୋ ଓ ଆରିଷ୍ଟୋଟ୍ଲ-ଙ୍କ ଉପରେ ଲେଖାଯାଇ ଛପାସରିଥିଲେ ସୁଦ୍ଧା ପ୍ରକାଶକ ପୀତାମ୍ବର ବାବୁ ଡରରେ ବଜାରକୁ ଛାଡୁନାହାନ୍ତି ।

Digitized by srujanika@gmail.com

କିନ୍ତୁ ପୁଲିସ୍ ଗାଡ଼ିନେଇ କାଠଯୋଡ଼ି କୂଳରେ ଯୋଉ ଗଳିରେ ରଖିଥିଲେ, ସେଠି ଦେଖିଲି ଢେର୍ ମୁସଲମାନ । ମୋଟରସାଇକ୍ଲରେ ଯୋଡ଼ା ଯୋଡ଼ା ହୋଇ ଫେଜ୍‌ଟୋପି ଓ ଚାପଦାଢି ଅଧାବୟସ ଅନେକ ଲୋକ କଚେରି ଆଡ଼କୁ ଯାଉଚନ୍ତି । ମୋ ଆଡ଼କୁ ଆଡ଼ଚାହାଣୀରେ ଅନାଇଦେଇ ବାହାରି ଯାଉଚନ୍ତି ; ମାତ୍ର ମୁହଁରେ ବିଦ୍ୱେଷ ଫୁଟିଉଠୁ ନାହିଁ । ଏମାନେ ସହରବାସୀ ଏଲିଟ୍ । ବହି ପଢ଼ିଥିବେ କି ନାହିଁ ସଂଦେହ । ପଢ଼ିଥିଲେ ବୁଝିଚନ୍ତି କି ନାହିଁ , ସେ ଆହୁରି ଏକ ସମସ୍ୟା । ଛତିଶବର୍ଷ ଚାକିରୀ ଭିତରେ ମୁଁ ଏମାନଙ୍କୁ ଅତି ନିକଟରୁ ଚିହ୍ନିଚି । ଲୋକଗୁଡ଼ାକ ପ୍ରକୃତରେ ନିରୀହ । ଏମାନେ ଦଙ୍ଗା କରନ୍ତିନାହିଁ , ନିଜ ରୁଜିରୁଟି ନେଇ ଅହୋରାତ୍ର ବ୍ୟତିବ୍ୟସ୍ତ । ମଜା ଦେଖିବାକୁ ଅଫିସ୍ ଛୁଟିପରେ ଦଶମିନିଟ୍ ଠାଏ ଛିଡ଼ାହୋଇଯାଇ ପାରନ୍ତି; ଭାଇଓଲେନ୍ସ ନୈବ ନୈବଚ । କିନ୍ତୁ ସେଇ ଷାଠିଏ ଦଶକକୁ ହିନ୍ଦୁରାଷ୍ଟ୍ରର ଧ୍ୱନି ଜନଜୀବନରେ ପ୍ରକମ୍ପିତ ହେଲାପରେ ଭାରତର ସର୍ବତ୍ର ଏମାନେ କୋଣଠେସା ହୋଇଯାଇଚନ୍ତି; ସାମାନ୍ୟ କଥା ମନକୁ ଛୁଇଁ ପରି ଲାଗେ, ଆଶଙ୍କା ହୁଏ ଲୋକ ହେୟଦୃଷ୍ଟିରେ ଦେଖୁଚନ୍ତି । ରାଷ୍ଟ୍ର ଏଇ ସ୍ପର୍ଶକାତର ଲୋକଙ୍କୁ ସୁରକ୍ଷା ଦିଏନା, ବେଳକାଳ ଉଣ୍ଡି ବ୍ୟବହାର କରେ । ପୀତାମ୍ବର ବାବୁ ଅବଶ୍ୟ ଭୁଲ୍ କରିଚନ୍ତି , ପାଣ୍ଡୁଲିପିରେ ମହମ୍ମଦଙ୍କ ଚିତ୍ର କୋଉଠୁ ଆସିଚି, ସେ ସୂତ୍ର ସ୍ପଷ୍ଟ ନିର୍ଦ୍ଦେଶିତ ହୋଇଥିଲେ ସୁଦ୍ଧା, ମୁଦ୍ରଣବେଳେ ଉଡ଼ାଇ ଦେଇଚନ୍ତି । *ଗୋରା* ଉପନ୍ୟାସ ଛାପିବା ବେଳେ ଏକାକଥା କରିଥିଲେ; ରବୀନ୍ଦ୍ରନାଥଙ୍କ ପ୍ରତିକୃତି ମଲାଟରେ ଦିଆଯାଇଚି, ସେଟା ମକ୍‌ବୁଲ୍ ଫିଦା ହୁସେନ୍‌ଙ୍କ ଅଙ୍କନ । ପୀତାମ୍ବର ବାବୁ ସୂତ୍ରଟା ଉଡ଼ାଇଦେଲେ । ଲେଖକ ଉପରେ ସର୍ଦ୍ଦାରି କରିବାକୁ ଆନନ୍ଦ ପାଆନ୍ତି ; ଯେପରି, ମୁଁ ଲେଖିଥିଲି 'ଗୋତମ ବୁଦ୍ଧ', ସିଏ ଛାପିଚନ୍ତି 'ଗୌତମ' ; ମୁଁ ଲେଖିଥିଲି 'ମୁହମ୍ମଦ' , ସିଏ ଛାପିଚନ୍ତି 'ମହମ୍ମଦ' । ଏତେ ଦୂରରେ ଥାଇ ଏଇ ଖୁଣ୍ଟିନାଖି ମୁଁ ତଦାରଖ୍ କରିପାରିନାହିଁ; ମାତ୍ର ବୁଝିଚି ଏଗୁଡ଼ାକ ଅନିଚ୍ଛାକୃତ ତ୍ରୁଟି ନୁହେଁ ; ବହି ଛାପିବା ଆଗରୁ ହଜାରେ ଲୋକଙ୍କୁ ଦେଖାନ୍ତି, ପରାମର୍ଶ ନିଅନ୍ତି । ଯେପରି, **ହଜରତ୍ ମହମ୍ମଦ** ବହିର ବଜାରରୁ ପ୍ରତ୍ୟାହାର । ସେ ବିଜ୍ଞାପନରେ ପୀତାମ୍ବରବାବୁଙ୍କ ନାଁ ନାହିଁ ; ଦସ୍ତଖତ କରିଚି ଜୀବନାନନ୍ଦ ମିଶ୍ର, ତାଙ୍କ ପୁଅ । କାମଗୁଡ଼ାକ ସୁଚିନ୍ତିତ, ଉଦ୍ଦେଶ୍ୟ ଅବଶ୍ୟ ଶିଳ୍ପୀ ଓ ଲେଖକକୁ କପିରାଇଟ୍‌ରୁ ବଞ୍ଚନା । ମୁଁ ତ ଆର୍ବି-ଫାର୍ସୀ ଜାଣେନା, ଇଂରେଜୀ ବହି ପଢ଼ି ଯା ଲେଖିବାର ଲେଖିଚି , ମନରୁ ଫାନ୍ଦି କିଛି ଲେଖିନାହିଁ, ମତାମତ ଗୁଡ଼ାକ ଅବଶ୍ୟ ମୋ ନିଜର; ନହେଲେ ବହି ଲେଖିବି କାହିଁକି ? ଆ୍ୟାକାଡେମିକ୍ ପବ୍ଲିକେସନ୍ ନୁହେଁ ଯେ ବିବ୍ଲିଅଗ୍ରାଫି ରହିବ ।

ସଞ୍ଜବେଳକୁ ଖବର ଆସିଲା , ଜାମିନ୍ ମଞ୍ଜୁର୍ ହୋଇଚି । ମନ ଖରାପ ହୋଇଗଲା । ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ ପିଲାଗୁଡ଼ାକ ଏଇ ଚାରି-ପାଞ୍ଚଦିନ କେତେ ସେବା କରିଚନ୍ତି, ଅଇଁଠା ଉଠାଇଚନ୍ତି , ବାସନ ଧୋଇଚନ୍ତି, ଲୁଗା କାଚିଚନ୍ତି ଅମ୍ଳାନ ବଦନରେ, ସତେ ଯେମିତି ପରିବାରର ଲୋକ । ସେମାନେ ପଛରେ ପଡ଼ିରହିବେ । ହୁଏତ ଜୀବନରେ ଆଉକେବେ ଭେଟ ହେବ ନାହିଁ ।

Digitized by srujanika@gmail.com

ଛ'

ସକାଳେ ଜିନିଷପତ୍ର ସଜାଡ଼ିଦେବାକୁ ରାଜୁକୁ କହିଲି; କଦଳୀ ଆପେଲ୍ ଯା ଥିଲା ବାଣ୍ଟିଦେଲି। ବ୍ରଜଭାଇ ଟା' ପଠାଇଲେ। ଗୌର ଗୋଟେ ପ୍ୟାକେଟ୍ ସିଗାରେଟ ପଠାଇଥିଲା। ଶୁଣିଲି ବହୁ ଜାଗାରୁ ଟେଲିଗ୍ରାମ୍ ଆସୁଛି, ମୋତେ ଦେଖାଇଲେ ନାହିଁ। ଚଞ୍ଚଳ ଗାଧୋଇ ପଡ଼ିଲି। ମୁଲାକାତ୍‌କୁ ଡ଼ାକରା ଆସିଲା। ଯାଇ ଦେଖିଲି, ପୂଅ ଆସିଚି। ବେଲ୍ ଅର୍ଡରର କପି ଦେଲା। ଆହୁରି ଦଫାଏ ଓକାଲତ୍‌ନାମା ଦସ୍ତଖତ କରାଇଲା। କହିଲା , ସରକାର ତରଫରୁ କୁହାଯାଉଚି, ମୁଁ ଓଡ଼ିଶାର ଲୋକ ନୁହେଁ, ଭୂସମ୍ପତ୍ତି ନାହିଁ। ପ୍ରଫେସନାଲ୍ ଜାମିନ୍‌ଦାର କଚେରିହତାରେ ବୁଲୁଚନ୍ତି ; ଟଙ୍କା ଦେଲେ ଜାମିନ୍‌ଦାର ହୋଇ ବେଲ୍‌ବଣ୍ଡର ଦସ୍ତଖତ କରିବେ। କିନ୍ତୁ ସିଏ ଗତ ରାତିରେ ଆମ ଗାଁକୁ ଫୋନ୍ କରିଥିଲା। ମୋର ଦୁଇ ସାନଭାଇ ପଟା ପାଉତି ଧରି ସକାଳେ ଆସି ପହଞ୍ଚିଚନ୍ତି। ପୈତୃକ ଜମିବାଡ଼ି ଛାଡ଼ି ଏକା ମୋ ନାଁରେ ଅଛି ପ୍ରାୟ ପନ୍ଦର ଏକର ଚାଷଜମି। ଭୁବନେଶ୍ୱର ଷ୍ଟେଟ୍‌ବ୍ୟାଙ୍କରେ ଏକାଉଣ୍ଟ୍ ଅଛି, ପେନ୍‌ସନ୍ ବି ଏଇଠୁ ନିଏଁ। କଟକ ଫେରିଗଲେ , ରିଲିଜ୍ ଅର୍ଡ଼ର ବାହାରକରି ମୋତେ ଆସି ନେଇଯିବ। ସଞ୍ଜ ସାଢ଼େ ଛ'ଟା ଫ୍ଲାଇଟ୍‌ରେ ସମସ୍ତେ ଚାଲିଗଲେ କଲିକତାରେ ପହଞ୍ଚି ଭାତ ଖାଇବା । ବେଲ୍‌ବଣ୍ଡ ଦସ୍ତଖତ କରିଦେଲି। ଭାବିଲି, ପୁଲିସ୍ ତରଫରୁ ମୋତେ ବାହାରିଆ ଲୋକ ଓ ଜାମିନ୍‌ରେ ଛାଡ଼ିଦେଲେ ନିଖୋଜ ହୋଇଯିବି ବୋଲି ଯେତେବେଳେ କୁହାଗଲା, ମ୍ୟାଜିଷ୍ଟ୍ରେଟ୍ ମୋତେ ତଲବ କରି ପଚାରିଲେନାହିଁ କାହିଁକି ? ଓକିଲ ବି ମୋତେ ହାଜିର୍ କରିବାକୁ ଦାବିକଲେ ନାହିଁ କାହିଁକି ?

ୱାର୍ଡ଼କୁ ଫେରି ଦେଖିଲି, ବ୍ରଜଭାଇ ଖବରକାଗଜ ନେଇ ବସିଚନ୍ତି। ଜାମିନ୍ ମିଳିବା କଥା ସଚିତ୍ର ଛପାଯାଇଚି। ଠାଏ ଲେଖାଯାଇଚି, 'ମାନ୍ୟବର ଅଦାଲତ, ଆବେଦନକାରୀଙ୍କୁ ଭବିଷ୍ୟତରେ ଧର୍ମବିରୋଧୀ କୌଣସି ବିବାଦୀୟ ମନ୍ତବ୍ୟ ନଲେଖିବାକୁ ତାଗିଦ୍ କରିଥିଲେ।' ପ୍ରକୃତରେ କିନ୍ତୁ ଆଦେଶନାମାର ଭାଷା ହେଲା : ..... subject to the conditions that he shall not indulge in any literal activity in a manner so as to injure the religious feeling of any community । ମୋତେ ଲାଗିଲା , ଏଭଳି ସର୍ତ୍ତ ଆରୋପ କରିବା ଅଦାଲତର ଅକ୍ତିଆର-ବହିର୍ଭୂତ। ତାଙ୍କର ଦେଖିବା କଥା ଜାମିନ୍ ମଞ୍ଜୁର୍ ହେବା ଆଇନ୍-ସମ୍ମତ କି ନୁହେଁ; ତା ବାହାରେ ଯା କହିବେ, ସେଗୁଡ଼ାକ କହିବାକୁ ଆଇନ୍ ତାଙ୍କୁ ଅଧିକାର ଦେଇନାହିଁ। **ଗୀତା** କ୍ଲବ୍-ର ଲୋକ ଆସିଲେ। ଆଜି ବି ଯାଇ କହିବାକୁ ହେବ। କହିଲି, ଆଜି ମୁଁ ଚାଲିଯାଉଚି। ମୁଁ ଜଣେ ଲେଖକ, ପାଲା କି ଦାସକାଠିଆ କରିବା ମୋ କାମ ନୁହେଁ। ସେକାମକୁ ଇଂରେଜୀରେ କହନ୍ତି ପରଫର୍ମାନ୍ସ। ପ୍ରବଚନ ଶୁଣାଇବାକୁ ଢେର୍

Digitized by srujanika@gmail.com

ଲୋକ ବାହାରିଲେଣି । ଜେଲ୍‌ରେ ବି ଥିବେ । ତାଙ୍କୁ ଧର । ସେତିକିବେଳେ ଗିରି ଆଣି ଗୋଟାଏ ପୋଟଳା ଥୋଇଦେଲା । ଦି' କେଜି ସରିକି ଅଙ୍ଗୁର । ବୁଝିଲି ପାଞ୍ଚଶ' ଟଙ୍କାର ହିସାବ ଦେଉଛି । ପାଖରେ ବସାଇଲି, କହିଲି ଖା' । ସଙ୍କୁଚିତ ହୋଇ କେତେଟା ଚୋବାଇଲା, ବାକିତକ ରାଜୁକୁ ଦେଇଦେଲି । ବନ୍ଧାଛନ୍ଦା ସରିଲାଣି । ବ୍ରଜଭାଇ ଖାଇବାକୁ ଡାକିଲେ । ନିଜ ଦୁଃଖକଷ୍ଟ କଥା କହିଲେ, ତା ସାଙ୍ଗକୁ ଯୋଡ଼ିଦେଲେ, ଦିନେ ନା ଦିନେ ସିଏ ପୁଣି **ସମାଜ** କୁ ଫେରିବେ । ସେତେବେଳେ ମୁଁ ଯେମିତି ସମ୍ପାଦକ ହେବାକୁ ଅମଙ୍ଗ ନହୁଏଁ ; ତାଙ୍କୁ ଆଶ୍ୱସ୍ତ କଲି, ଉଠିବା ବେଳକୁ କୁଣ୍ଢାଇଧରିଲେ । ତିନିଟା ବେଳକୁ ଖବର ଆସିଲା, ପୃଥ ଗାଡ଼ି ନେଇ ଗେଟ୍‌ରେ ଅପେକ୍ଷା କରୁଚି । ରାଜୁ ମୋ ଜିନିଷପତ୍ର ଧରି ବାହାରିପଡ଼ିଲା । ଗିରି ସେତିକିବେଳେ ଦେଢ଼ଶ' ଟଙ୍କା ଆଣି ମୋ ହାତରେ ଦେଇ କହିଲା, ଯିବାବେଳେ ବକ୍‌ସିସ୍ ମାଗିବେ । ଏତିକି ନିଅନ୍ତୁ । ତଳକୁ ଓହ୍ଲାଇ ରାଜୁ ପକେଟରେ ଶହେଟଙ୍କା ଗୁଞ୍ଜିଦେଲି । ବାହାରକୁ ବାହାରି ଆସି ଦେଖିଲି, ସାତ ଆଠ ଜଣ ଲୋକ ଫୁଲମାଳ ଧରି ଛିଡ଼ାହୋଇଚନ୍ତି । ମୁଁ କାହାରିକୁ ଚିହ୍ନେନା । ଜଣେ ଭଦ୍ରଲୋକଙ୍କୁ ଉତ୍କଳ ସାହିତ୍ୟ ସମାଜରେ ଥରେ ଭେଟିଥିଲି । ସେମାନେ କହିଲେ, ସକାଳେ ଅନେକ ଲୋକ ଆସି ଫେରିଯାଇଛନ୍ତି । ଟିକିଏ ଅପେକ୍ଷା କରନ୍ତୁ, ଏକ୍ଷଣି ଆସିଯିବେ । ଦେଖିଲି ଦୂରରୁ ମୋଟର୍‌ସାଇକ୍ଲରେ କେତେଜଣ ଆସୁଚନ୍ତି । ଏଣେ ଗାଡ଼ିଭିତରୁ ପୃଥ ତୂରି ଛାଡ଼ୁଚି, ଷ୍ଟେଟ୍‌ମେଣ୍ଟ ଦିଅନା, ଓକିଲ ମନା କରିଚନ୍ତି । ଭଦ୍ରଲୋକମାନଙ୍କୁ କହିଲି, ଆଉ କେବେ ଏକାଠି ବସି ଲେଖକର ମୌଳିକ ଅଧିକାର ବିଷୟରେ ଆଲୋଚନା କରିବା, ଆଜି ମୋତେ କଲିକତା ଫେରିଯିବାକୁ ପଡ଼ିବ । ଦୁଃଖ କରିବେ ନାହିଁ ।

ଜେଲ୍‌ଖାନାରୁ ଆସି ରାସ୍ତାକଡ଼ ପେଟ୍ରଲପମ୍ପରୁ ତେଲ ନେଉଥିଁ, ଗୌର ଫୋନ୍‌କଲା, 'ନନା , ଭୁବନେଶ୍ୱରରେ କେତେବେଳେ ପହଞ୍ଚିବେ ? ଲେଖକମାନେ ଅପେକ୍ଷା କରିଚନ୍ତି ।' ମନ ସେତେବେଳକୁ ଆଉଟିପାଉଟି ହେଉଚି । ଯୋଉ ମୁସଲମାନମାନଙ୍କୁ ଏତେଜୋର ଜାଣିଚି, ସେମାନେ ସତରେ କମିଉନାଲ୍ ? ବାଲେଶ୍ୱରରୁ ଭଦ୍ରକ, କେନ୍ଦ୍ରାପଡ଼ାରୁ ଯାଜପୁର, କଟକରୁ ଚଣ୍ଡିଖୋଲ ଆଉ ଜଗତ୍‌ସିଂହପୁର - ଏଇ ଜାଗାରେ କୁଆଡ଼େ ପ୍ରତିବାଦ ପଟୁଆର ବାହାରିଚି । ସ୍ୱତଃସ୍ଫୂର୍ତ୍ତତା ପରିବର୍ତ୍ତେ ପୂର୍ବପରିକଳ୍ପିତ ପ୍ରରୋଚନା କଥା ମନକୁ ଆସିଲା । ମୋର ଏତେ ଦିନର ବିଶ୍ୱାସ ତେବେ ମିଛ ହୋଇଯିବ ? ଗୌରକୁ କହିଲି ଗୋଟାଏ ଟାଟା-ସୁମୋରେ ବସିଚି । ଫ୍ଲାଇଟ୍‌ରେ ଗଲେ ଲୁଚିକି ପଳାଇଗଲା ଭଳି ହେବ; ମନ ସ୍ଥିର କରିଚି ରୋଡ-ରେ ଯିବି, ଯେତେ ରାତି ହେଉ ପଛେ ଘରେ ପହଞ୍ଚିବାକୁ । ପୁଣି କେବେ ଆସିବି, ତମକୁ ଜଣାଇବି । ଯିଏ ଅପେକ୍ଷାକରୁଚନ୍ତି, ତାଙ୍କ ପାଖରୁ ମାର୍ଜନା ଭିକ୍ଷାକରୁଚି ଏକ୍ଷଣି । ଚଣ୍ଡିଖୋଲ ପହଞ୍ଚିବା ବେଳକୁ ଇ ଟିଭି-ରୁ ଫୋନ୍ ଆସିଲା : ଆମେ ଜେଲ୍ ଫାଟକରେ ପହଞ୍ଚି ଦେଖିଲୁଁ , ଆପଣ ଦଶମିନିଟ୍ ଆଗରୁ ବାହାରିଯାଇଚନ୍ତି । ଏକ୍ଷଣି କୋଉଠି ପହଞ୍ଚିଲେଣି ? ପାଞ୍ଚମିନିଟ୍ ସମୟ

Digitized by srujanika@gmail.com

କିଅନ୍ତୁ, ଆମ ଟିମ୍ ଆପଣଙ୍କୁ ଭେଟିବ ।' ଏସବୁ ତମାଡଉଲ ପାଇଁ ଆଗ୍ରହ ନଥିଲା ; କହିଲି, ଘଣ୍ଟାକ ଭିତରୁ ଭଦ୍ରକ ଆଗରୁ ବନ୍ତ ଛକରେ ଛିଡ଼ାହେବି । ଯାଜପୁରରୋଡ୍ ଦେଖିଲି ଉତ୍ତେଜନାଶୂନ୍ୟ; ବନ୍ତ ଛକ ଫ୍ଲାଇଓଭର ତଳେ ବି କେହିନାହିଁ , କାନ୍ଧରେ କ୍ୟାମେରା ଝୁଲାଇ ଲୋକଟିଏ ଗାଡ଼ିକୁ ଇସାରା କରୁଚି । ଅଟକିଲି ନାହିଁ । ଭଦ୍ରକରେ ସାନଭାଇ ଦି'ଜଣ ଓହ୍ଲାଇଗଲେ । ସୋରୋରେ ବି କେହି ଦେଖାଦେଲେ ନାହିଁ । ବାଲେଶ୍ୱରରେ ପହଞ୍ଚି ଡ୍ରାଇଭରକୁ କହିଲି ଜାମସୋଳା ବାଟଦେଇ ଯିବା, ତାହେଲେ ମୟୂରଭଞ୍ଜ ବି କଭର୍ ହେବ । କହିଲା ୩୨ ମାଇଲ୍ ବେଶି ହେବ । ତଥାପି ସେଇ ବାଟ ଧରିଲି ; ପିଲା ବାରିପଦାରେ ଖିଆପିଆ କଲେ । ଝାଡ଼ଖଣ୍ଡ ଭିତରଦେଇ ପଶ୍ଚିମ ବଙ୍ଗରେ ପଶିଲୁଁ । ମୁସଲମାନମାନଙ୍କ ବିରୋଧ ଜଣାଗଲା କେତେକର ମୌଳବାଦୀଙ୍କ ପ୍ରୋପାଗ୍ୟାଣ୍ଡା । ଆଶ୍ୱସ୍ତ ହେଲି, ଦୁନିଆଯାକର ନିର୍ବିତ୍ତ ଖଟିଖିଆ ମଣିଷଙ୍କ ଭଳି ଓଡ଼ିଶାର ମୁସଲମାନ ମଧ୍ୟ କିଏ କଣ ଲେଖିଚି, ତା ପ୍ରତି ନିର୍ବିକାର । ଦେଶର ସତୁରି ଶତାଂଶ ଲୋକ ତ ନିରକ୍ଷର । ବହି ପଢ଼ିବାକୁ ମନ ଅଛି ନା ଅଣ୍ଟାରେ ପଇସା ଅଛି ! ରାଜନୀତି ଯିଏ କରନ୍ତି , ଏମାନଙ୍କୁ ଡାକିଆଣି ଜମାୟତ୍ ବନାନ୍ତି , ହାତରେ ପତାକା ଧରାଇଦେଇ ଫଟୋ ଉଠାନ୍ତି । ମିଡିଆର ଦୃଷ୍ଟି କାଢ଼ିବାକୁ ଥାନାରେ ଏତାଲା ଦିଅନ୍ତି । କଚେରୀରେ କହନ୍ତି, ବାହାରେ ଭୀଷଣ ଉତ୍ତେଜନା, ଲେଖକକୁ ଛାଡ଼ିଦେଲେ ଦଙ୍ଗା ଲାଗିଯିବ । ପୁଲିସ୍ / ପ୍ରଶାସନ କଣ ଏ କଥା ଜାଣେନା ?

କେତେଜଣ ମୁସଲମାନ ବୁଦ୍ଧିଜୀବୀ ପଢ଼ିଚନ୍ତି **ହଜରତ୍ ମହମ୍ମଦ** ବହି ? କେତେଜଣ ପୁଲିସ୍ ଅଫିସର ? ଯିଏ ପଢ଼ିଚନ୍ତି, ତାଙ୍କଭିତରୁ ବୁଝିଚନ୍ତି କେତେଜଣ ? ଚିନ୍ତା ଜଟିଳ ଓ ଗ୍ରନ୍ଥିଳ ହେଲେ ତାକୁ ପ୍ରକାଶକରିବ ଯୋଉ ଭାଷା, ତା ଖବରକାଗଜର ଭାଷା ହୋଇପାରେନା । ଅଥଚ ଅଦାଲତରେ କୁହାଯାଇଚି ମୋ ଭାଷା ଔଦ୍ଧତ୍ୟପୂର୍ଣ୍ଣ (ଆରୋଗେଟିଭ୍) ଯା ମୁସଲମାନ ସଂପ୍ରଦାୟର ଧର୍ମବିଶ୍ୱାସ ପ୍ରତି ପ୍ରଚ୍ଛନ୍ନ ଆକ୍ଷେପ । ଅଧିକନ୍ତୁ , ମଲାଟରେ ମୁଦ୍ରିତ ମହମ୍ମଦଙ୍କ ପ୍ରତିକୃତି ପୃଥିବୀରେ କୁତ୍ରାପି ପରିଦୃଷ୍ଟ ନୁହେଁ ବିଶେଷତଃ ସଶସ୍ତ୍ର ଅବସ୍ଥାରେ । ଅଶାଳୀନ ଭାଷାର ଉଦାହରଣ ଦିଆଯାଇଚି ବହିର ପ୍ରଥମ, ୩୯ ଓ ୬୧ ପୃଷ୍ଠାରୁ ।

ଜେଲ୍‌ଖାନାରେ ପଶିବାବେଳେ ସାଙ୍ଗରେ ବହିପତ୍ର ନେବାକୁ ଦେଲେ ନାହିଁ । ଜାମିନ୍ ଅର୍ଡର ପାଇ ବାହାରକୁ ଆସି ଏଇ କଥାଗୁଡ଼ାକ ଜାଣିବାକୁ ପାଇଲି । ଏ ପ୍ରସଙ୍ଗରେ ବିଚାରପତିଙ୍କ ଦ୍ୟର୍ଥହୀନ ସିଦ୍ଧାନ୍ତ ହେଲା ......The learned counsel for the petitioner took me through different pages of the book **Encyclopedia of World Religions** authored by Sri G.T. Bettany, published by Bracken Books, London. The photograph on the cover page of the petitioner's book is available in this Encyclopedia. The learned counsel

Digitized by srujanika@gmail.com

for the petitioner argued that the contents of the objectionable Oriya book are mere translations of different parts of the original English book. His contention appears to be correct and it is clear that the contents of the objectionable oriya book are not the original idea of the petitioner. ଯା'ଛଡ଼ା, ମୁଁ ଉପଯୋଗ କରିଚି **ଏନ୍‌ସାଇକ୍ଲୋପିଡିଆ ବ୍ରିଟାନିକା** ଓ ଆଉ ଯୋଉ ବହି, ସେଗୁଡ଼ିକ ଯଥାକ୍ରମେ

1. An Introduction to Islam, second edition - by David Wainer - କେମ୍ବ୍ରିଜ୍ ଇଉନିଭର୍ସିଟି ପ୍ରେସ୍ (୨୦୦୪),
2. Muhammad - by Michael Cook -ଅକ୍ସଫୋଡ଼ ଇଉନିଭର୍ସିଟି ପ୍ରେସ୍ (୧୯୯୬)
3. Islam - by Alfred Guillaume, Second Edition (revised) 1956 - ପେଲିକାନ୍ ବୁକ୍ସ ।
4. The KORAN (Translated from the Arabic by J.M.Rodwell- The Everyman Library (1994),
5. Islams and Modernities, Second edition, by Aziz Al-Azmeh. Verso (1996)
6. ଇସ୍‌ଲାମ୍ ଧର୍ମେର ରୂପରେଖା by ରାହୁଲ ସାଂକୃତାୟନ (ହିନ୍ଦୀରୁ ବଙ୍ଗଳାକୁ ଅନୁବାଦ : ମଲୟ ଚଟ୍ଟୋପାଧାୟ) ଦ୍ୱିତୀୟ ସଂସ୍କରଣ ୨୦୦୦ ।

ମୋତେ ଆରେସ୍ଟ କରିବାକୁ ଆସିଥିବା ପୁଲିସ୍-ଇନ୍ସପେକ୍ଟର୍ କେ ଆର୍ ସ୍ୱାମୀଙ୍କୁ ବହିଗୁଡ଼ିକ ଦେଖାଇଥିଲି । ତା ହେଲେ, ଏତାଲାଟା ଖାରିଜ୍ ହେଲାନାହିଁ କାହିଁକି ? ହୁଅନ୍ତା କେମିତି ? ତାଙ୍କ ସାଙ୍ଗରେ ରେଲଷ୍ଟେସନ୍‌କୁ ଟ୍ୟାକ୍ସିରେ ବସି ଯାଉଥିବା ବେଳେ ଘନଘନ ବ୍ୟଗ୍ର ଫୋନ୍ ଆସୁଥାଏ, ସିଏ କହୁଥାନ୍ତି, 'ହଁ ସାର, ନେଇଯାଉଚି ।' ପଚାରିଲି, 'କିଏ ?' କହିଲେ, 'ଆମ ପୁଲିସ୍ କମିଶନର୍ ।' ମାନେ, ମୋତେ ଜେଲ୍‌ରେ ପୂରାଇବା ପୂର୍ବନିର୍ଦ୍ଧାରିତ । ଏ ନିର୍ଦ୍ଧାରଣ ପୁଲିସ୍ କରିପାରେନା ; ମୋତେ ୱାରଣ୍ଟ ବି ଦେଖାଇନାହାନ୍ତି ; କିନ୍ତୁ ସରକାରଙ୍କ ନିର୍ଦ୍ଦେଶ ପାଳିବାକୁ ପୁଲିସ୍ ବାଧ୍ୟ । ପୁଲିସ୍ ତ ସେଥିପାଇଁ ଚାର୍ଜସିଟ୍ କିମ୍ବା କେସ୍ ଡାଏରି ଦାଖଲ କରିନାହିଁ ।

କଚେରିରୁ ଏତାଲାର ନକଲ ମିଳିଚି । ଦସ୍ତଖତ କରିଚନ୍ତି ପ୍ରାୟ ୩୦ ଜଣ, ସବୁ ଦସ୍ତଖତ ପଢ଼ିହେଉନାହିଁ; ଓଡ଼ିଆରେ ଜଣେ ମାତ୍ର, ଉର୍ଦ୍ଦୁରେ ୨ ଜଣ, ବାକିତକ ଇଂରେଜୀରେ । ଏତାଲା ଇଂରେଜୀରେ ଟାଇପ୍‌କରାଯାଇଚି । ସ୍ୱାକ୍ଷରକାରୀଙ୍କ ଭିତରେ ଅଛନ୍ତି ୨ ଜଣ ଆଡ୍‌ଭୋକିଟ୍, ଆଉ ଦୁଇଜଣଙ୍କ ନାଁ ଆଗରେ ଲେଖାଯାଇଚି 'ଡ଼କ୍ଟର୍' । ଏମାନଙ୍କ ଭିତରୁ ଦୁଇଜଣଙ୍କ ଛଡ଼ା ଆଉ କାହାରି ନାଁ ଶୁଣିନାହିଁ । ଜଣେ ସୟଦ୍ ମୁସ୍ତାଫିଜ୍ ଅହମଦ୍, ଅନ୍ୟ ଜଣକ ଡ଼କ୍ଟର ହୁସେନ୍ ରବି ଗାନ୍ଧି । ଏତାଲାରେ କୁହାଯାଇଚି ଏମାନେ ଓଡ଼ିଶା ଓ କଟକର

Digitized by srujanika@gmail.com

ମୁସଲମାନମାନଙ୍କ ତରଫରୁ ଆପତ୍ତି ଜଣାଉଚନ୍ତି ଯେ, (୧) ଜଗତରେ କୁତ୍ରାପି ପ୍ରଫେଟ୍ ମହମ୍ମଦଙ୍କ ଫଟୋ ପ୍ରଚଳିତ ନଥିଲେ ସୁଦ୍ଧା, ମୁଁ ଓ ପ୍ରକାଶକ ଚକ୍ରାନ୍ତକରି ତାଙ୍କର ଏକ କଦର୍ଯ୍ୟ ପ୍ରତିରୂପ ବହି ମଲାଟରେ ଛାପିଛୁଁ ଯେପରିକି ପାଠକ ବୁଝିବେ ଯେ ଖଣ୍ଡା / ଛୁରି ବଳରେ ସିଏ ଇସ୍‌ଲାମ ଧର୍ମ ପ୍ରବର୍ତ୍ତନ କରିଥିଲେ ; ଅଥଚ ସିଏ ଥିଲେ ଶାନ୍ତି ସଦିଚ୍ଛାର ପ୍ରତୀକ; (୨) ତା ଛଡ଼ା, ବହିଟାର ଏକମାତ୍ର ଉଦ୍ଦେଶ୍ୟ ଯେହେତୁ ଇସ୍‌ଲାମ୍ ବିରୋଧରେ ଅପପ୍ରଚାର, ମୁସଲମାନ ସଂପ୍ରଦାୟ ମନରେ ଗଭୀର କ୍ଷୋଭ ସଞ୍ଚାର କରିବା ସଙ୍ଗେସଙ୍ଗେ ସାମାଜିକ ସଂହତିକୁ ବି ବ୍ୟାହତ କରିଚି ଏ ବହି । ତେଣୁ ବିହିତ ପ୍ରତିକାର କରାଯାଉ ।

ସେମାନେ ପିନାଲ୍ କୋଡ-ର ୨୯୫ (କ) ଦଫା କଥା ଲେଖିନାହାନ୍ତି ଯଦିଓ ସ୍ୱାକ୍ଷରକାରୀଙ୍କ ଭିତରେ ଓକିଲ ଅଛନ୍ତି ଦୁଇଜଣ । ପୁଲିସ୍ ହାତକୁ ଏତେଲା ଆସିଚି ମାର୍ଚ୍ଚ ଚା ୯ରିଖ ଦିନ । ମୋତେ ଏଠି ଆରେସ୍ଟ କରାଯାଇଚି ତା ୧୩ରିଖ ଦିନ । ଯା ଭିତରେ ଆସେମ୍ବ୍ଲି / ପାର୍ଲାମେଣ୍ଟର ନିର୍ବାଚନ ମଣ୍ଡଳି ପୁନର୍ଗଠିତ ହୋଇଚି, ଖାଲି କଟକ ସହର ପାଇଚି ତିନିଚାରିଟା ନିର୍ବାଚନମଣ୍ଡଳି ।

ଯୁଗପୁରୁଷ ମହମ୍ମଦ ଓ ପୃଥିବୀର ଅନ୍ୟତମ ପ୍ରମୁଖ ଧର୍ମମତକୁ ଥାନା-ପୁଲିସ୍ ସୁରକ୍ଷା ଦେବେ ! ଇସ୍‌ଲାମ୍ କଣ ଏତେ ଅସହାୟ ! ମହମ୍ମଦ ନିଶ୍ଚୟ ନିଜ ମାନହାନି ସକାଶେ କାହାରି ପାଖରେ ଗୁହାରି କରିନଥିଲେ ! ତାହେଲେ ଏତାଲା ଜମାପଡ଼ିବାର ଚାରିଦିନ ଭିତରେ ସରକାରି କଳ ଏତେ ତତ୍ପର ହୋଇଉଠିଲା କାହିଁକି ? ଲକ୍ଷ୍ୟକରିବା କଥା, ଉପରେ ଦିଆଯାଇଥିବା ୫ ନମ୍ବର ବହିରେ ବହୁବଚନ ବ୍ୟବହାର କରାଯାଇଚି, Islams । ଯିଏ ଲେଖିଚନ୍ତି, ନିଜେ ମୁସଲମାନ ଏବଂ 'Fellow of the Institute of Advanced Studies, Berlin' । ପୁଲିସ୍ ଜାଣେ , ନା ଏତାଲା ଦେବାବାଲା ଜାଣନ୍ତି ? ମୋତେ ତେବେ ଜେଲ୍‌ରେ ପୁରାଇ ସରକାର କାହା ସକାଶେ ଭୋଟ୍‌ବ୍ୟାଙ୍କ୍ ତିଆରି କରିଦେଲେ ?

ଓଡ଼ିଶାବାସୀ, ପୁଣି ଓଡ଼ିଆ ଲେଖକ ଓ ବୁଦ୍ଧିଜୀବୀଙ୍କୁ ସରକାର କ'ଣ ଭାବୁଚନ୍ତି ଏତେ ନିର୍ଜୀବ, ଏତେ ନିର୍ବୀର୍ଯ୍ୟ ଯେ କ୍ଷମତାର ଅପପ୍ରୟୋଗ ବଳରେ ରୁଦ୍ଧ କରିଦେବେ ପଠନ-ପାଠନ, ମନନ-ସାଧନ, ତର୍କବିତର୍କ ? ଗୋଟିଏ ଶବ୍ଦରେ, ଚିତ୍ତବିକାଶର ସମସ୍ତ ଗବାକ୍ଷ ? ତା ହେଲେ ତ କି ହିନ୍ଦୁ କି ମୁସଲମାନ, ଚିରକାଳ ହୋଇରହିଥିବେ କୂପମଣ୍ଡୁକ ! ଗଣତନ୍ତ୍ର, ମାନବ-ଅଧିକାର, ଚିନ୍ତାର ସ୍ୱାଧୀନତା ଯଦି ଏଇ ଭାବରେ ଧୂଳିସାତ୍ ହୁଏ, ଯାକୁ ରାଷ୍ଟ୍ରର ସନ୍ତ୍ରାସ ଛଡ଼ା ଆଉ କି ଆଖ୍ୟା ଦେଇହେବ ?

Digitized by srujanika@gmail.com

ପ୍ରସଙ୍ଗ :
ମୌଳବାଦ ବନାମ ଗଣତନ୍ତ୍ର

'ମୂଳ' ଶବ୍ଦରୁ ନିଷ୍ପନ୍ନ ମୌଳ; ମୌଳବାଦ ମାନେ, ତେଣୁ, ମୂଳ ପ୍ରତି ଏକାନୁଗତ୍ୟ । ପରିବର୍ତ୍ତନ ପ୍ରତି ଅନାସ୍ଥା । ମୌଳବାଦୀ ଦୃଷ୍ଟିରେ ପରିବର୍ତ୍ତନ ମାତ୍ରକେ ସ୍ଖଳନ ବା ବିଚ୍ୟୁତି । କିନ୍ତୁ ଜଗତ ଯୋଉ ନିୟମରେ ଚଳୁଚି, ତା ବିବର୍ତ୍ତନ କିମ୍ବା ପରିବର୍ତ୍ତନ । ବୁଦ୍ଧ ସେଥିପାଇଁ କହିଚନ୍ତି ସର୍ବ୍ବମ୍ ଅନିତ୍ୟମ୍ । ତାଙ୍କ ଆଗରୁ ହେରାକ୍ଲିଟସ୍ କହିଛନ୍ତି, ଏକା ନଈରେ ଦି' ଥର ଗାଧୋଇବା ସମ୍ଭବ ନୁହେଁ, କାହିଁକିନା, ପ୍ରତି ମୁହୂର୍ତ୍ତରେ ପଛକୁପଛ ଲହଡ଼ି ମାଡ଼ିଆସି ସ୍ରୋତକୁ କରିଦିଏ ଆବିଳ ଓ ଅସ୍ଥିର । ମୂଳ ତେଣୁ ଅସ୍ଥିର ଓ ଅସ୍ଥାୟୀ । ମନୁଷ୍ୟ କ୍ଷେତ୍ରରେ ଇନ୍ଦ୍ରିୟଗ୍ରାହ୍ୟ, ଅନୁଭବଗ୍ରାହ୍ୟ, ଏ ସତ୍ୟକୁ ବୁଦ୍ଧି ବା ଯୁକ୍ତି ଦ୍ୱାରା ଖଣ୍ଡନ କରିହେବନାହିଁ । ଆମଦାନି କରାଯାଇଚି ତେଣୁ ଅଲୌକିକତା । ତାକୁ ବଞ୍ଚାଇ ରଖିବାକୁ, ଥିୟଲଜି ବା ବ୍ରହ୍ମବିଦ୍ୟା । ବ୍ରହ୍ମବିଦ୍ୟା ବିଜ୍ଞାନସମ୍ମତ ନୁହେଁ ; ତାକୁ ବଞ୍ଚାଇ ରଖିପାରେ କେବଳ ଯାଜକତନ୍ତ୍ର । ଯାଜକତନ୍ତ୍ରକୁ ଯୋଉ ରାଷ୍ଟ୍ର ବଞ୍ଚାଇରଖେ, ତାକୁ କହନ୍ତି ଥିୟକ୍ର୍ୟାସୀ ବା ଦେବତନ୍ତ୍ର । କିନ୍ତୁ ସମାଜବିକାଶ ଏକ ଅବ୍ୟାହତ ପ୍ରକ୍ରିୟା; ଇତିହାସ ପ୍ରବାହରେ ଦେବତନ୍ତ୍ର ତେଣୁ ହୋଇଯାଇଚି ନିର୍ମୂଳ । ଆସିଚି ଗଣତନ୍ତ୍ର । ଗଣତନ୍ତ୍ର ମଧ ଠିଆହୋଇ ରହିନାହିଁ ଏକା ଜାଗାରେ; ବଦଳିଯାଉଚି ଯତ୍ରତତ୍ର । କାହିଁକିନା, ଏକମାତ୍ର ଗଣତନ୍ତ୍ର ହିଁ ସ୍ୱୀକାରକରେ ଚିତ୍ତବିକାଶର ଅନିବାର୍ଯ୍ୟତା । କରେ ବୋଲି, ମଣିଷ ଦାବିକରେ ଅଧିକାର । ରାଷ୍ଟ୍ର ଦାବିକରେ କର୍ତ୍ତବ୍ୟ । ଅଧିକାର ଓ କର୍ତ୍ତବ୍ୟର ଦ୍ୱାନ୍ଦ୍ୱିକତା ଏପରି ଦୁର୍ଗମ ବାଟରେ ଆଗେଇନିଏ ଯେ ମଣିଷ ଉପଲବ୍ଧିକରେ କ୍ରମଶଃ ଚରିତାର୍ଥ ହେଉଛି ନିଜ ଅନ୍ତର୍ନିହିତ ବିଭିନ୍ନ ସମ୍ଭାବନା । ଦ୍ୱାନ୍ଦ୍ୱିକତା ତେଣୁ ଏକ ବୌଦ୍ଧିକ ଶୃଙ୍ଖଳା । ମୌଳବାଦ ଅପରୀକ୍ଷିତ ବିଶ୍ୱାସ ମାତ୍ର । ପ୍ରାତିଷ୍ଠାନିକ ମୌଳବାଦ ଅବଶ୍ୟ ଉଗ୍ର ଓ ଗୋଷ୍ଠୀକେନ୍ଦ୍ରିକ । ସେ ପ୍ରବଣତାକୁ ଗଣତନ୍ତ୍ର ଉତ୍ସାହ ଦେଇପାରେନା , କାହିଁକିନା, ଆଧ୍ୟାତ୍ମିକତା ଓ ଉଗ୍ରତା ଅହି-ନକୁଳ । ଉଗ୍ରତାର ବାହକ ମଧ ମୁଷ୍ଟିମେୟ । ଚିତ୍ତବିକାଶ କିନ୍ତୁ ଚଳମାନ ଏକ ଅଧ୍ୟବସାୟ । ସେଥିପାଇଁ ଭାରତର ସମ୍ବିଧାନ ଯୋଉ ଗଣତନ୍ତ୍ରକୁ ବରଣ କରିଚି, ତା ସେକିଉଲାର୍ ଓ ସୋସାଲିଷ୍ଟ୍ । ଏ ଶିକ୍ଷା ଆସିଚି ଇତିହାସରୁ । ମୌଳବାଦ ଉପରେ ଆଧାରିତ ଦ୍ୱିଜାତିକ ତତ୍ତ୍ୱ ସ୍ୱାଧୀନତା ପ୍ରାପ୍ତି ପ୍ରାକ୍କାଳରେ ଦେଶକୁ କରିଚି ଦ୍ୱିଖଣ୍ଡିତ, ଜାତୀୟତାବୋଧ ହୋଇଛି

Digitized by srujanika@gmail.com

ବିଭାଜିତ । ଦୁଇଶବର୍ଷ ବ୍ୟାପୀ ବିଦେଶୀ ଶୋଷଣ ଯେବ୍ ଦେଶର ଅର୍ଥନୀତିକୁ କରିଚି ଯେମିତି ମୁମୂର୍ଷୁ , ଆଭ୍ୟନ୍ତରୀଣ ସାମନ୍ତତନ୍ତ୍ର ସେମିତି ସମ୍ପତ୍ତିଗତ ବୈଷମ୍ୟକୁ କରିଚି ଚିରସ୍ଥାୟୀ । ଏଭଳି କୁଚକ୍ରରୁ ମୁକୁଳିବା ବାଟ ଅଲୌକିକ କି ଧର୍ମୀୟ ହୋଇପାରେନା । ହୋଇପାରେ ଏକମାତ୍ର ରାଜନୈତିକ । ମୌଳବାଦ କି ସାମନ୍ତତନ୍ତ୍ର ତେଣୁ ଭାରତୀୟ ଗଣତନ୍ତ୍ରର ଲକ୍ଷ୍ୟ ନୁହେଁ । ନୁହେଁ ବୋଲି, ସମାଜତାନ୍ତ୍ରିକ ସେକିଉଲାର ଲକ୍ଷ୍ୟ ତିଷ୍ଠିରହିଚି ଓ ପୁଷ୍ଟ ହେବାକଥା ସାବାଳକ ଭୋଟପ୍ରଥା ମାଧ୍ୟମରେ ।

କିନ୍ତୁ ଲକ୍ଷ୍ୟକୁ ବାସ୍ତବାୟିତ କରେ ଯୋଉ ରାଜନୀତିଜୀବୀ, ବୁଝେ ନିଜକଥା କି ନିଜ ଦଳକଥା । ଦଳ କି ସମ୍ପ୍ରଦାୟ ନିର୍ବିଶେଷରେ ସବୁଲୋକଙ୍କ କଲ୍ୟାଣସାଧନ ତ ଦୂରର କଥା, ସେକଥା ଭାବିପାରିବା ଭଳି ଲୋକ ବି ଦିନକୁ ଦିନ ହେଇଯାଉଚନ୍ତି ବିରଳ । ସେଥିପାଇଁ ବ୍ୟକ୍ତିଗତ ସମ୍ପତ୍ତିର ମାଲିକାନାକୁ ଦିଆଯାଇଚି ଅଧିକାରର ମାନ୍ୟତା; ମୌଳବାଦକୁ ଖୁସୀକରିବାକୁ ପିଙ୍ଗଳ କୋଡ୍‌ରେ ଯୋଡ଼ାଯାଇଛି ହରେକ ରକମ କୂଟକପଟ । ଯେପରି ଧାରା ୨୯୫(କ) । ତାହାରି ବଳରେ ପୁଲିସ୍ ମୋତେ ଧରିନେଇ ରଖିଦେଲା ଜେଲ୍‌ରେ ପାଖରାତି । ଅପରାଧ, ବହି ଲେଖିଥିଲି **ହଜରତ୍ ମହମ୍ମଦ** । ଛତିଶଗଡ଼ରେ ଡାକ୍ତର ବିନାୟକ ସେନ୍‌ଙ୍କୁ ଧରିନେଇ ଜେଲ୍‌ରେ ରଖିଚନ୍ତି ବର୍ଷେ ହେଲାଣି । ଆଦିବାସୀଶିଶୁଙ୍କୁ ଚିକିତ୍ସା କରିବା ଆଳରେ କୁଆଡ଼େ ମଦଦ୍ ଦେଉଥିଲେ ମାଓବାଦୀଙ୍କୁ । ଅଭିଯୋଗ ପ୍ରମାଣକରିବାକୁ କେହି ତତ୍ପର ନୁହେଁ । ଆପତ୍ତିଜନକ କାମର ଆଲୋଚନା ସମାଲୋଚନା କରିବାକୁ ମଧ୍ୟ ଆଗେଇ ଆସୁନାହିଁ କେହି । ରାଜନୀତିଜୀବୀଙ୍କ ମତଲବ୍ ତେବେ କଣ ହୋଇପାରେ, ଭାବିଚିନ୍ତି ପାରୁଥିବା ଲୋକଗୁଡ଼ାକୁ ଧରି ନେଇ ଖୁଆଡ଼ରେ ଅଟକାଇ ରଖିଲେ, ଚାହିଁବେନାହିଁ କେହି ସ୍ଥିତାବସ୍ଥାର ପରିବର୍ତ୍ତନ । ଚାହିଁଲେ ବି, ପ୍ରକାଶ୍ୟରେ ଚାହିଁବାକୁ ଡ଼ରିବେ । ତାହେଲେ, ଗଣତନ୍ତ୍ରରେ ମଧ୍ୟ କୂପମଣ୍ଡୁକ ହୋଇ ଲୋକ ରହିଥିବେ ଯୁଗ ଯୁଗାନ୍ତର । ତର୍କ ବିତର୍କ, ଆଲୋଚନା-ସମାଲୋଚନା, ପ୍ରତିବାଦ-ପ୍ରତିରୋଧ, ମତପ୍ରକାଶର ବିଭିନ୍ନ ବାଟକୁ ଯଦି ଅବରୁଦ୍ଧ କରିଦିଆଯାଏ ଆଇନ୍ ବା ବଳ ପ୍ରୟୋଗକରି, ମୁକ୍ତଚିନ୍ତା ତ ଖାଲି ମାଡ଼ ଖାଇଜନାହିଁ, ଲୋକଙ୍କ ଭିତରେ ଦାନା ବାନ୍ଧିବ ପ୍ରତିଶୋଧ ନେବାର ଇଚ୍ଛା । ରାଷ୍ଟ୍ରର ସନ୍ତ୍ରାସ ସେତେବେଳେ ବଳିଯିବ ଲୋକଙ୍କ ସନ୍ତ୍ରାସକୁ । ଯେପରି, ଦାନ୍ତେୱାଡ଼ାରେ 'ସଲୱା ଜୁଡୁମ୍' । ଦୁଇଟିଯାକ ଶବ୍ଦ ଆସିଚି ଗୋଣ୍ଡ ଭାଷାରୁ । ମାନେ, ଶାନ୍ତି ପାଇଁ ଜନଯୁଦ୍ଧ । ଯାହାଙ୍କୁ 'ନକ୍ସଲ୍' କୁହାଯାଉଛି, ତାଙ୍କରି ବିରୋଧରେ, ଅର୍ଥାତ୍, ଆଦିବାସୀଙ୍କ ବିରୋଧରେ ଆଦିବାସୀଙ୍କୁ ଲଗାଇଦେଇ କରାଯାଉଚି ଶାନ୍ତିସ୍ଥାପନର ଆୟୋଜନ । ଭିଟାମାଟିରୁ ଉଚ୍ଛେଦକରିଆଣି ରଖାଯାଉଛି ଅସ୍ଥାୟୀ କ୍ୟାମ୍ପରେ; ହାତରେ ଧରାଇ ଦିଆଯାଉଚି ହତିଆର୍ । ପୁଲିସ୍ କିମ୍ବା ସେନା ପହରାରେ ମରାମରିହୋଇ ଆଦିବାସୀ ମରୁଚନ୍ତି ଦୁଇପଟରୁ । ସାନପିଲା ବି ଛାଡ଼ ପାଉନାହାନ୍ତି । ଶିବିରବାସୀ ତେଣୁ

Digitized by srujanika@gmail.com

ଗାଁକୁ ଲେଉଟିବା କଥା ଭୁଲିଗଲେଣି; ଛିନ୍ନଛତ୍ର ହୋଇ ପଳାଇଯାଉଛନ୍ତି ନାଗପୁର ଆଡ଼କୁ । ଅତି ସଂପ୍ରତି, ଏଇ ଶିବର ଗୁଡ଼ିକୁ ମାଓବାଦୀଙ୍କ ଆକ୍ରମଣରୁ ରକ୍ଷାକରିବାକୁ ପହରାଦେଉଥିବା ପୁଲିସ୍ ୨୫ ବର୍ଷ ବୟସ୍କା ଜଣେ ଯୁବତୀ ଓ ଦୁଇବର୍ଷର ଏକ ଶିଶୁକୁ ଗୁଳିକରି ମାରିଚନ୍ତି ଏବଂ ଖବରକାଗଜ ଲେଖିଚି, ଛ'ବର୍ଷର ଆଉ ଏକ ଶିଶୁ ଓ ଆଦିବାସୀ ମହିଳାକୁ ମଧ୍ୟ ଜଖମ କରିଚନ୍ତି ; ସେମାନେ ଏକ୍ଷଣି ଚିକିତ୍ସାଧୀନ । ରାତି ଅଧରେ ପୁଲିସ୍ ଲୋକଙ୍କୁ ନିଦରୁ ଉଠାଇ ଜରୁରୀ ସଭାକୁ ଡାକିଲେ,ସେମାନେ ଆସିବାରୁ ବାଡ଼େଇବାକୁ ଆରମ୍ଭ କରିଦେଲେ । ମେ' ତା ୨୩ରିଖ ସକାଳେ ଶହଶହ ଆଦିବାସୀ ଜିଲ୍ଲା ସଦର ଡାକ୍ତରଖାନା ଆଗରେ ଜମାୟେତ୍ କରି ପ୍ରତିବାଦ କରିଚନ୍ତି ; ମାତ୍ର ସେମାନେ କହିଚନ୍ତି,ସଭାକୁ ଡାକି କେତେକ ଆଦିବାସୀ ମହିଳାଙ୍କ ଉପରେ ପୁଲିସ୍ ବଳାତ୍କାର କରିବାକୁ ଆରମ୍ଭକଲାରୁ ଗଣ୍ଡଗୋଳ ବାଧିଚି; ଆଉ ଗଣ୍ଡଗୋଳ ଲାଗିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଧାଡ଼ିକରି ଛିଡ଼ାକରାଇ ପୁଲିସ୍ ଗୁଳି ଚଳାଇଚି । (*ଷ୍ଟେଟ୍‌ସ୍‌ମ୍ୟାନ୍*, ମେ' ୨୪) । ଏଭଳି ଘଟଣା ଆଗରୁ ଘଟିଚି ଆନ୍ଧ୍ରପ୍ରଦେଶରେ । ତାଙ୍କରି ଭିତରେ ଚିକିତ୍ସା କାମ କରୁଥିଲେ ବିନାୟକ ସେନ୍ । ମୁଁ ରହିଚି କିନ୍ତୁ ମହାନଗରୀ କଲିକତାରେ, ଆଦିବାସୀଙ୍କ ସାଙ୍ଗରେ ତିଳେମାତ୍ର ସଂସ୍ରବ ନାହିଁ, ଘରେବସି ଲେଖାଲେଖି କରେଁ । ଦିନ ଥିଲା, ଯେତେବେଳେ ଧର୍ମର ତକମା ଲଗାଇ ମଣିଷ ଅନ୍ୟ ମଣିଷକୁ ଚିହ୍ନୁଥିଲା । ଇତିହାସ ପ୍ରବାହରେ ତକମାଗୁଡ଼ାକ ତିଆରିହୋଇଛି ; ମାତ୍ର ସେଗୁଡ଼ାକ ଏ ଯୁଗରେ କାମରେ ଲାଗୁଚି ବେଶି ରାଜନୀତିରେ । ଯେପରି, ପଶ୍ଚିମ ଗୋଲାର୍ଦ୍ଧରେ ସାମ୍ରାଜ୍ୟବାଦୀ ଭାବୁଚନ୍ତି,କମିଉନିଜ୍ମର ପତନ ଉତାରୁ, ଆଗକୁ ଯିବା ବାଟରେ ଏକମାତ୍ର କଣ୍ଟା ରହିଚି ଇସଲାମ୍ । ଆମ ଶିକ୍ଷାବ୍ୟବସ୍ଥା ମଧ୍ୟ ଏମିତି ପରମୁଖାପେକ୍ଷୀ ଯେ କମିଉନିଜ୍‌ମ୍ କି ଜିନିଷ, କି ଇସ୍‌ଲାମ୍ କି ଜିନିଷ, ଏପରିକି,ହିନ୍ଦୁଧର୍ମ ବାସ୍ତବିକ କି ଜିନିଷ; ପିଲାଙ୍କୁ କୁହାଯାଏନା । ବଡ଼ହୋଇ ଶୁଣାକଥାରେ ମାତନ୍ତି, ବିତଣ୍ଡା ଉପୁଜେ, ଦଙ୍ଗାହାଙ୍ଗମା ବି ବାଧେ । ଭାବିଲି,ସ୍କୁଲ୍-କଲେଜ୍ ଯେତେବେଳେ ନିସ୍ପୃହ, ମୁଁ ବରଂ ସାଧ୍ୟାନୁସାରେ ଚେଷ୍ଟାକରେଁ । ବୁଦ୍ଧ-ଯୀଶୁ-ମହମ୍ମଦ ଓ ହିନ୍ଦୁଧର୍ମ ବିଷୟରେ ଚାରିଖଣ୍ଡ ବହି ଲେଖିଲି ; ୨୦୦୭ ଫେବୃୟାରୀ ମାସରେ ଛପା ଯାଇଚି । ବର୍ଷକ ଉତାରୁ, ୨୦୦୮ ମାର୍ଚ୍ଚ ମାସରେ କଟକରୁ ପୁଲିସ୍ ଆସି ଧରିନେଇଗଲା । କଟକରେ ପହଞ୍ଚି ଶୁଣିଲି, ମହମ୍ମଦଙ୍କ ଛବି ବହିମଲାଟରେ ଛପାଯାଇଚି; ଖଣ୍ଡା ଓ ଛୁରୀ ଧରିଚନ୍ତି । ମୁସଲମାନ ସେଥିପାଇଁ ଥାନାରେ ଏତାଲା କରିଚନ୍ତି,କୁଆଡ଼େ ଚକ୍ରାନ୍ତକରି ତାଙ୍କ ଧର୍ମବିଶ୍ୱାସକୁ ମୁଁ ଆଘାତକରିଚି ।

ହେଇପାରେ, କେହି ଆଘାତ ପାଇଚି । ତା ସହିତ ଆଲୋଚନା ହେବା ଦରକାର, ଉତ୍ତର-ପ୍ରତ୍ୟୁତ୍ତର ହେବା ଦରକାର, କଥାରେ ହେଉ କି ଲେଖାରେ ହେଉ । କିନ୍ତୁ ପୁଲିସ୍ କାହାକୁ ଗିରଫକଲେ ଯଦି ଆଘାତର ପ୍ରତିକାର ହୋଇଯାଏ,ତେବେ ଘଟଣାଟା ତ ରୀତିମତ

Digitized by srujanika@gmail.com

ରାଜନୀତିକ ଅଭିସଂଧି । ମହମ୍ମଦ ତ କେବଳ ଉପଲକ୍ଷ୍ୟ ! କହିଲେ, ପୁଲିସ୍ ମହାନିର୍ଦ୍ଦେଶକ ବହିଟାକୁ ବାଜ୍ୟାପ୍ତ କରିବାକୁ ସରକାରଙ୍କୁ ଲେଖିଦେଇଚନ୍ତି । କାହିଁ, ମୁସଲମାନମାନେ ସେ ଦାବି କରିନାହାନ୍ତି । ଭାବନା-ଚିନ୍ତାର ଅଭିଘାତ ଯୋଉ ବିବାଦର ବିଷୟ, ସେ ତ ବ୍ୟାଟ୍ଲ ଅବ୍ ଆଇଡିଆଜ୍ ! ଲୋକ କଣ ଭାବିବେ କି ଲେଖିବେ, ପୁଲିସ୍ କଣ ତାକୁ ଠେଙ୍ଗା ଉଞ୍ଚାଇ ଜଗିବ ? କା କସ୍ୟ ପରିବେଦନା ! ଜେଲ୍‌କୁ ଗଲି । ବୁଝିଲି, ମହମ୍ମଦଙ୍କ ଛବିଟା ଅଜୁହାତ୍ ମାତ୍ର ; ରାଜନୀତିଜୀବୀଙ୍କ ସକାଶେ ମୁସଲମାନଙ୍କ ଭୋଟ୍ ଆଦାୟ କରିବା କାମରେ ପୁଲିସ୍‌କୁ ବ୍ୟବହାର କରାଯାଉଚି ! ଜେଲ୍‌ଖାନାରୁ ଖବରକାଗଜକୁ ଚିଠି ଲେଖିଲି । ଛପାଗଲା । ଆସେମ୍ବ୍ଲି ଚାଲୁଥିଲା । ଜଣେହେଲେ ବିଧାୟକ କଥାଟା ଉଠାଇଲେ ନାହିଁ । ଭୋଟ୍ ତ ଦରକାର ସମସ୍ତଙ୍କୁ । ଲୋକ ଯଦି ଚିରକାଳ ମୂର୍ଖ ମୁର୍ଦ୍ଦାର ହୋଇ ପଡ଼ିରହନ୍ତି,ଭୋଟ୍‌ଯୋଗାଡ଼ ବରଂ ସହଜସାଧ ! ଅଥଚ,ବହିଟା ପଢ଼ିଥିଲେ, ମୁସଲମାନ ବୁଝିଥାନ୍ତେ, ପୁଲିସ୍ ବି ବୁଝିଥାନ୍ତା, ସାମ୍ରାଜ୍ୟବାଦକୁ ମୁକାବିଲା କରିପାରେ କି ଉପାୟରେ ଇସ୍‌ଲାମ୍, ସେଇ କଥାଟାକୁ ନେଇ ଲେଖାଯାଇଚି ଓଡ଼ିଆରେ ବହି । ଅନ୍ୟ କୋଉ ଭାରତୀୟ ଭାଷାରେ ଲେଖାଯାଇନାହିଁ ଅଦ୍ୟାବଧି । ଏଭଳି କାମକୁ ଲକ୍ଷ୍ୟକରି ଜଣେ ବିଦେଶୀ ଭାବୁକ ଲେଖିଚନ୍ତି , people fear the witch, but burn women ।

ଆମ ରାଜନୀତି ଯେହେତୁ ପରିବର୍ତ୍ତନର ପରିପନ୍ଥୀ, ଗଣତନ୍ତ୍ର ପାଲଟିଯାଇଚି ଏବେ ଭୋଟ୍‌ଯୋଗାଡ଼ର ମୌଳବାଦ । କାହିଁକିନା, ସେକିଉଲାରିଜ୍‌ମ ଓ ସମାଜତନ୍ତ୍ରର ବଧ୍ୟଭୂମି ଏକ୍ଷଣି ଭୋଟ୍‌ତନ୍ତ୍ର । କିଏ ସେଇ ତନ୍ତ୍ରର ଭୈରବ ? ଆଖି ଆଗରେ ଉଦାହରଣ : କର୍ଣ୍ଣାଟକରେ ଚାଲିଥିବା ନିର୍ବାଚନ । ୩୭୨ ଜଣ ଭୋଟପ୍ରାର୍ଥୀ କାଗଜପତ୍ରରେ ଘୋଷଣା କଲେ ୯୦୨ କୋଟି ଟଙ୍କାର ଗଚ୍ଛିତ ସମ୍ପତ୍ତି; ଜଣପିଛା ଗଡ଼କରା ଅଢ଼େଇ କୋଟି ; ମାତ୍ର ଖାଲି କଂଗ୍ରେସ ପ୍ରାର୍ଥୀଙ୍କ ଭାଗରେ ପଡ଼ିଚି ଗଡ଼କରା ସାତକୋଟି ୩୫ ଲକ୍ଷ ; ବିଜେପି-ର ୧୭ ଜଣ ପ୍ରାର୍ଥୀଙ୍କ ଅର୍ଜିତ ଧନର ପରିମାଣ ୫ କୋଟିରୁ ୩୦ କୋଟି ପର୍ଯ୍ୟନ୍ତ । ଅଧିକାଂଶ ହଲପ୍‌ନାମାରେ ଇନ୍‌କମ୍‌ଟ୍ୟାକ୍ସ ପ୍ୟାନ୍‌ନମ୍ବର୍ ରହିଚି ଉହ୍ୟ; ଆଉ ୪୯ ଜଣଙ୍କ ବିରୋଧରେ ଚାଲୁଚି ଫୌଜଦାରୀ ମାମଲା; ସେଥିରୁ ଅନ୍ତତଃ ୬ଟି ନରହତ୍ୟାର ଅଭିଯୋଗ । ପଇସାଦେଇ ଭୋଟ୍ କିଣିବେ, ନ'ହେଲେ ଡରାଇହୁଲାଇ ଆଦାୟ କରିବେ । ସେମିତି ପାକିସ୍ଥାନରେ । ପ୍ରଧାନମନ୍ତ୍ରୀ ଗିଲାନୀ, ପୂର୍ବତନ ପ୍ରଧାନମନ୍ତ୍ରୀ ନଓ୍ୱାଜ୍ ସରିଫ୍, ପିପୁଲ୍ସ୍ ପାର୍ଟିର ପ୍ରଧାନ ଆସିଫ୍ ଆଲି ଜରଦାରି- ବିବାକ ବଣିକ ଓ ଜେଲ୍ ଖଟିଚନ୍ତି ଦୁର୍ନୀତି ଅଭିଯୋଗରେ ସେନାବାହିନୀ ହାତରେ । ଗିଲାନି ୫ ବର୍ଷ, ଜର୍‌ଦାରି ୮ ବର୍ଷ । ଏମାନେ ମୋଚନକରିବେ ଦରିଦ୍ରର ଦାରିଦ୍ର୍ୟ ? ନାରୀର ନିର୍ଯ୍ୟାତନା ? ନିରକ୍ଷରର ନିରକ୍ଷରତା ? ଧର୍ମାନ୍ଧତା ? ଜାତିଭେଦ ? ଏମାନେ ଦେବେ ଲେଖକ-ଶିଳ୍ପୀକୁ ଆତ୍ମପ୍ରକାଶର ଅବାଧ ସ୍ୱାଧୀନତା ? ଗଣତନ୍ତ୍ରକୁ କରିବେ ଦୃଢ଼ମୂଳ ?

Digitized by srujanika@gmail.com

ଧନକୁବେର ନ୍ୟସ୍ତସ୍ୱାର୍ଥ ବରଂ କ୍ୟାପିଟାଲ୍-ର ଏଇ ବିଶ୍ୱାୟନ ଯୁଗରେ ନାଗରିକ-ସମାଜକୁ ପରିଣତକରିବ ଫ୍ରି ମାର୍କେଟ୍-ର ସୁଲଭ ପଣ୍ୟ । ଏବଂ ଭୋଟ୍ ଆମ ସମାଜରେ ବିକ୍ରୟଯୋଗ୍ୟ ପଣ୍ୟରୁ ଅଧିକ ନୁହେଁ ବୋଲି, ବିଦ୍ୟମାନ ଯେକୌଣସି ବୌଦ୍ଧିକ ଡିସ୍‌କୋର୍ସ ଅଥବା ରଣମୁଖୀ ଯେକୌଣସି ପ୍ରତିବାଦ ମଧ ନିଷେଧିତ ହେବ ଗଣତନ୍ତ୍ରକୁ ସୁରକ୍ଷା ଦେବା ଆଳରେ । ପୁଲିସ୍‌ର ବନ୍ଧୁକ ତେଣୁ ଅରୁଆ, ବାକିଯାକ ବନ୍ଧୁକ ଉଷୁନା ।

କିନ୍ତୁ ଯୋଉ ସମାଜରେ ଆମ ବସବାସ, ସେ ସମାଜ କଣ ଗୋଟିଏ ଚାଉଳରେ ଗଢ଼ା ଅକ୍ଷତ ? କେବେହେଲେ ବଢୁନାହିଁ କି ଛିଡୁ ନାହିଁ ? ଏପରି ସୁଗଠିତ ଯେ ବଦଳିବାର ଅବକାଶ ସରିଯାଇଚି ଏକେବାରେ ? ଏକ୍ଷଣି ଆମ କର୍ତ୍ତବ୍ୟ କେବଳ, ଯା ଯେମିତି ଚାଲୁଚି, ନିର୍ବିଚାରରେ ମାନିନେବା ? ତା ହେଲେ, ସ୍ଥିତାବସ୍ଥାର ପରିବର୍ତ୍ତନ ଯିଏ ଚାହିଁବ ସିଏ ସମାଜବିରୋଧି ! ସଂସାରଯାତ୍ରାର ଅଭିଜ୍ଞତା କିନ୍ତୁ କହୁଚି, ସମାଜରେ ରହିଚି ଉଚ୍ଚ-ନୀଚ ପକ୍ଷପାତ; ଧନୀ ଦରିଦ୍ର ବୈଷମ୍ୟ ; ପ୍ରତିପତ୍ତିଶାଳୀର ପ୍ରଭୁତ୍ୱ ; ମଧବିତ୍ତର ସୁବିଧାବାଦ : ଉତ୍ପାଦନକ୍ଷେତ୍ରରେ ଶୋଷଣ ; ବଣ୍ଟନକ୍ଷେତ୍ରରେ ପାତରଅନ୍ତର; ଜାତିଭେଦର ଦୌରାତ୍ମ୍ୟ; ଧର୍ମ ନାଁରେ ହଣାକଟା; ଶିକ୍ଷିତର ନିରକ୍ଷରକୁ ଅବଜ୍ଞା; ଅମଲାତନ୍ତ୍ରର ଅତ୍ୟାଚାର; ରାଜନୀତିଜୀବୀର କାପଟ୍ୟ; ଏବଂ ଏଭଳି ପରିବେଶରେ ବୁଦ୍ଧିଜୀବୀର ବୁଦ୍ଧି ଆଉ ଶାସ୍ତ୍ରସାହିତ୍ୟରେ ସର୍ଜନଶୀଳତାର ନିରୁଦ୍ଧତା । ମାର୍କ୍ସ ସେଥିପାଇଁ ସମାଜକୁ 'ଫର୍ମ' ନକହି, କହିଚନ୍ତି 'ଫର୍ମେସନ୍ ' । କାହିଁକିନା, ବିଭେଦ ଓ ଅନୈକ୍ୟ ଯୋଉ ସମାଜର ଶରୀର-ଲକ୍ଷଣ,ତାକୁ ଫର୍ମ କହିବା ଅସଙ୍ଗତ । ଫର୍ମେସନ୍, କାହିଁକିନା, ଗଢ଼ି ହୋଇ ହୋଇ ସମ୍ଭାବ୍ୟ ପରିଣତି ଆଡ଼କୁ ଗତିକରୁଚି । ବାଟର ବାଧା-ବିପଦ ଡାକିଆଣୁଚି ଅବଶ୍ୟମ୍ଭାବୀ ଦ୍ୱନ୍ଦ୍ୱ; କିନ୍ତୁ ସେଇ ବୈପରୀତ୍ୟଗୁଡ଼ାକୁ ଭଞ୍ଜନ କରିପାରେ ଦ୍ୱାନ୍ଦ୍ୱିକ ବିବେଚନା ଓ କର୍ମକୌଶଳ । ତା ଭିତରୁ ମଧ ଉଠିଆସି ପାରେ ଆହୁରି ନୂଆ ବୈପରୀତ୍ୟ । ସେତେବେଳେ ପେର ଦରକାର ବୈପରୀତ୍ୟ-ଭଞ୍ଜନର ଦ୍ୱାନ୍ଦ୍ୱିକ ରୀତିର ପୁନଃପ୍ରୟୋଗ । ଏଇ ଭାବରେ ଘଟେ ମଣିଷର ଚିନ୍ତାଶକ୍ତିର ଉନ୍ମୋଚନ ଓ ସମାଜର ପରିବର୍ତ୍ତନ । ଲେଖାଲେଖି, ବାଦପ୍ରତିବାଦ, ତର୍କବିତର୍କ, ଆଲୋଚନା-ସମାଲୋଚନା ସେଇ ଦ୍ୱାନ୍ଦ୍ୱିକତାର ଅପରିହାର୍ଯ୍ୟ ଅଙ୍ଗ ଏବଂ ପ୍ରକୃତ ଗଣତନ୍ତ୍ରର ଦାୟିତ୍ୱ ସେଭଳି ଉଦ୍ୟମକୁ ସର୍ବାନ୍ତଃକରଣରେ ଅନୁମୋଦନ । ମାତ୍ର ଗଣତନ୍ତ୍ର ନାଁରେ ରାଷ୍ଟ୍ର ହୁଏ ଯଦି ଦମନପ୍ରବଣ, ମୁକ୍ତଚିନ୍ତା କେବଳ ନିରସ୍ତ ହୁଏନା, ସାମାଜିକ ପରିବର୍ତ୍ତନ ମଧ ହୁଏ ପଶ୍ଚାଦ୍‌ପଦ । କ୍ରୋଧ ଆଉ ଆକ୍ରୋଶ ସେତେବେଳେ ଆସ୍କାରା ପାଏ ସମାଜରେ, କାହିଁକିନା, ସ୍ଥିତାବସ୍ଥାର ପରିବର୍ତ୍ତନ ମାନେ ତ ନାହିଁନଥିବା କଳ୍ପଲୋକର ସଂଧାନ ନୁହେଁ; ମାର୍କ୍ସ କହିବାପରି, We don't want to anticipate the world dogmatically, but to find the new world from the critique of the old.......

Digitized by srujanika@gmail.com

ଗୋଟିଏମାତ୍ର ଉଦାହରଣ ଦେବି । ଆମେରିକାର ରାଷ୍ଟ୍ରପତି ବୁସ୍ ସାହେବ ଅଳ୍ପଦିନ ଆଗରୁ, ପୃଥିବୀସାରା ଖାଦ୍ୟବସ୍ତୁର ଦରଦାମ କାହିଁକି ହୁହୁକରି ବଢ଼ିଯାଉଚି, ତାର କାରଣ ଦେଖାଇବାକୁ ଯାଇ କହିଚନ୍ତି, ଭାରତର ମଧ୍ୟବିତ୍ତଙ୍କ ସଂଖ୍ୟା, ଗ୍ଲୋବାଲାଇଜେସନ୍ କଲ୍ୟାଣରୁ ବଢ଼ି ବଢ଼ି ହୋଇଚି ୩୫ କୋଟି ; ଯୁକ୍ତରାଷ୍ଟ୍ରର ସମଗ୍ର ଲୋକସଂଖ୍ୟାକୁ ଟପିଯାଇଚନ୍ତି ଭାରତର ଏଇ ନବ୍ୟ ଉପଭୋକ୍ତା । ଏତେ ଭଲଭଲ ଜିନିଷ ଖାଇବାକୁ ଲାଗିଚନ୍ତି ଯେ ଦୁନିଆସାରା ଦରଦାମ ନବଢ଼ି ଉପାୟ ନାହିଁ । ଶୁଣିବାକୁ ଖରାପ ଲାଗିପାରେ, କିନ୍ତୁ କଥାଟା ମିଛ ନୁହେଁ । ସରକାରି ହିସାବ ଅନୁସାରେ, ଭାରତର ଦରିଦ୍ର, ଲୋକସଂଖ୍ୟାର ମାତ୍ର ୨୭% । ଜୀବନଧରି ବଞ୍ଚିରହିବାକୁ ସର୍ବନିମ୍ନ ଯେତିକି କ୍ୟାଲରି ଦେହକୁ ଦରକାର, ତାକୁହିଁ ଭିତ୍ତିକରି ତିଆରିହୋଇଚି ଏ ଗଣନା । କିନ୍ତୁ ପେଟକୁ ଖାଇବା ଛଡ଼ା ପିଇବାପାଣି,ଲୁଗାପଟା, ଔଷଧପତ୍ର, ପିଲାଙ୍କ ପାଠପଢ଼ା, ଘରକରଣାର ସ୍ଥାୟୀ ସରଞ୍ଜାମ ବାବଦକୁ ବି ଗରିବକୁ ଆହୁରି କିଛି ଖରଚ କରିବାକୁ ପଡ଼େ । ତାକୁ ହିସାବକୁ ନେଲେ ଦରିଦ୍ର ହେବେ ଲୋକସଂଖ୍ୟାର ଅନ୍ୟୁନ ୭୦% । ବଜେଟ୍-ଭାଷଣରେ ଅର୍ଥମନ୍ତ୍ରୀ ସ୍ୱୀକାରକରିଚନ୍ତି, ୮୩% ଲୋକ ଦିନକୁ ୨୦ ଟଙ୍କା ମଧ ଖର୍ଚ୍ଚକରିବାକୁ ଅକ୍ଷମ, ତାଙ୍କ ଭିତରୁ ଅଧେ ୯ ଟଙ୍କା ମଧ ପାଆନ୍ତି ନାହିଁ । ଅଥଚ ଦେଶର ମାତ୍ର ୨୦ ଜଣ ଲୋକ ଯା ରୋଜଗାର କରନ୍ତି, ୩୦କୋଟି ସାଧାରଣ ଲୋକଙ୍କ ମୋଟ ରୋଜଗାର ସହିତ ତା ସମାନ । ସରକାରୀ ପରିସଂଖ୍ୟାନ ବିତ୍ତବାନ ଓ ମଧ୍ୟବିତ୍ତଙ୍କ ସଂଖ୍ୟା ନିର୍ଣ୍ଣୟକରିଚି ୨୫ କୋଟି । ୧୯୯୦ରେ, ମାନେ, ଗ୍ଲୋବାଲାଇଜେସନ୍ ସୁରୁହେବା ବେଳକୁ ଏମାନଙ୍କ ସଂଖ୍ୟା ଥିଲା ୧୬ କୋଟି । ୨୫ କୋଟିରୁ ଧନବାନ କେବଳ ୪ କୋଟି, ବାକି ୨୧ କୋଟି ମଧ୍ୟବିତ୍ତ । କିନ୍ତୁ ସାଢ଼େ ବାଇଶକୋଟି ଲୋକ ଅନାହାର ଅର୍ଦ୍ଧାହାର କାରଣରୁ ଅପୁଷ୍ଟିଜନିତ ରୋଗବ୍ୟାଧି ଭୋଗୁଚନ୍ତି ସାରା ଜୀବନ । ସରକାର ଅର୍ଥନୀତିରେ ମୁକ୍ତକଚ୍ଛ ଉଦାରୀକରଣ ଅବଲମ୍ବନ କରିବା ଉତାରୁ ଏମାନଙ୍କ ସଂଖ୍ୟା ନକମି, ବଢ଼ିଚି ୫ % ।

୧୧୦ କୋଟି ଲୋକଙ୍କ ଭିତରୁ ମାତ୍ର ୨୫ କୋଟି ରହୁଚନ୍ତି ସହର ବା ସହର ଉପକଣ୍ଠରେ । ସେଇ ୨୫ କୋଟି ଦିନକୁ ଗଡ଼କରା କିଣିଚନ୍ତି ୨୪୧୬ ମୋଟର୍‌କାର୍; ୧୫୯୩୨ ବାଇକ୍, ୧୯୩୩୨ ସ୍କୁଟର୍, ୨୨୭୪୦ ଟେଲିଭିସନ୍ ସେଟ୍; ୯୫୮୯ ଫ୍ରିଜ୍; ୪୨୭୪ ୱାସିଙ୍ଗ ମେସିନ୍; ୧୨୬୪୩ ପର୍‌ସନାଲ୍ କମ୍ପିଉଟର୍; ୧୧୮୩ ଲ୍ୟାପ୍‌ଟପ୍; ୯୫୮୯୦ ଉଡ଼ାଜାହାଜ ଟିକିଟ୍; ୮୬ ଲକ୍ଷ ବୋତଲ ବିଅର୍ ; ୫୭.୬ ଲକ୍ଷ ପାଣିବୋତଲ,୧୯୧୮ କିଲୋଗ୍ରାମ୍ ସୁନା ଗହଣା । ପରଫିଉମ୍,ପେଟ୍ରଲ, ଲୁଗାପଟା,ଖିଆପିଆ, ମଉଜମଜଲିସ୍ ବାବଦକୁ ଦୈନିକ ବ୍ୟୟର ହିସାବ ସଠିକ୍ ମିଳିନାହିଁ । କିନ୍ତୁ ଆଉଯୋଉ ହିସାବଟା ନିର୍ଭୁଲ, ତା ହେଲା, ଯୋଉ ରାଜନୀତିକ ଦଳରୁ ଆସୁପଛେ, ରାଜନୀତିଜୀବୀ,ଅର୍ଥାତ୍ ଭୋଟ୍‌ଜୀବୀ, ରହିଚନ୍ତି ଏଇ ୨୫ କୋଟିଙ୍କ ଅପରିହାର୍ଯ୍ୟ

Digitized by srujanika@gmail.com

ଅଂଶବିଶେଷ । ଯେପରି,ମୋ ବିରୋଧରେ ଯୋଉ ୩୦ ଜଣ ଥାନାରେ ଏତାଲା କରିଥିଲେ, ସମସ୍ତେ କଟକ ସହରର ବାସିନ୍ଦା ।

ଏତଦ୍ ସତ୍ତ୍ୱେ, ଆଜିକୁ ତିରିଶବର୍ଷ ହେଲା ଭୂମିବଣ୍ଟନ ପ୍ରତି ସରକାରୀ ଔଦାସୀନ୍ୟ କାରଣରୁ ଖାଦ୍ୟଶସ୍ୟ ଉତ୍ପାଦନ ବର୍ଷକୁ ବଢ଼ିଚି ମାତ୍ର ୧.୯ %, ଲୋକସଂଖ୍ୟା କିନ୍ତୁ ବଢ଼ିଚି ୨.୧% । ଅଥଚ ୧୯୮୦ ଦଶକରେ ଉତ୍ପାଦନ ହାର ଥିଲା ୨.୯ %, ୧୯୯୦ ଦଶକରେ ଖାଦ୍ୟ ଉତ୍ପାଦନ ହାର ଖସିଆସିଛି ୧.୮ % କୁ । ଅନ୍ୟତମ କାରଣ , କୃଷିଜମିର ପରିମାଣ ଦ୍ରୁତ ହ୍ରାସପାଇଚି ନଗରାୟନ ଓ ପ୍ରତ୍ୟନ୍ତ ଅଞ୍ଚଳରେ ବଳପୂର୍ବକ ଶିଳ୍ପସ୍ଥାପନ ସକାଶେ । ପ୍ରତ୍ୟନ୍ତ ଅଞ୍ଚଳ, କାହିଁକିନା, ଖଣିଖାଦାନ ରହିଚି ସେଇଠି, ଯୋଉଠି ରହିଚନ୍ତି ଅରଣ୍ୟବାସୀ ଆଦିବାସୀ । ଫଳରେ, ୧୯୯୬ରୁ ୨୦୦୬, ଦଶବର୍ଷ ଭିତରେ ଜଣପିଛା ଖାଦ୍ୟର ଲଭ୍ୟତା ଖସିଆସିଚି ୫୧୦ ଗ୍ରାମ୍‌ରୁ ୪୪୫ ଗ୍ରାମ୍‌କୁ । ଚାଉଳ କ୍ଷେତ୍ରରେ ଖସିଚି ୧୩%, ଗହମ କ୍ଷେତ୍ରରେ ୨୭% । ଚଢ଼ାଦରରେ ସରକାର ବିଦେଶରୁ ଆମଦାନି କରୁଚନ୍ତି ଗହମ ୨୦୦୪ ସାଲରୁ, ବର୍ଷକୁ କେତେବେଳେ ୫ଲକ୍ଷ ଟନ୍ ତ କେତେବେଳେ ୨୦ ଲକ୍ଷ ଟନ୍ । ସହରାଞ୍ଚଳର ଭୋଟର୍ ନିର୍ଭରକରେ ଗହମ ଉପରେ ବେଶି । ରୁଟି, ପୁରି, ଲୁଚି,ପାଉଁରୁଟି, କେକ୍, ପିଜା, ସୁଜି, ପରିଜ୍ ତ ଗରିବ ଖାଆନ୍ତି ନାହିଁ କି ପାଆନ୍ତି ନାହିଁ ! ଷାଠିଏବର୍ଷ କାଳ ବାବୁମାନଙ୍କୁ ଭୋଟ୍ ଦେଇଦେଇ ଏଇ ଯଦି ହୁଏ ଲୋକଙ୍କ ଦୁର୍ଗତି,ମଶାମାଛି ଭଳି ମରିବେ, ନା ଭୋକଉପାସରେ ମରିଥାନ୍ତୁ ନହେଲେ ପୁଲିସ୍ ଗୁଳିରେ ମରିବୁ, ମନରେ ପାଞ୍ଚ୍ ଓହ୍ଲାଇପଡ଼ିବେ ରାସ୍ତା ଉପରକୁ ? ଯେକୌଣସି ବିବେକବାନ୍ ଲୋକ କହିବ, ଖାଲି ହାତରେ ମରିବେ କାହିଁକି, ମାରୁମାରୁ ମରିବେ । ଏଥିରେ ରାଜନୀତି ରହିଲା କୋଉଠି ଯେ, ଏ କାମ ଯିଏ କରୁଚନ୍ତି, ତାଙ୍କୁ କୁହାଯାଉଛି ମାଓବାଦୀ ? ମାଓ କହିଥିଲେ,ଗାଁ ଖୁଆଉଚି ସହରକୁ ; ଗାଁ ଗୁଡ଼ାକ ଚାରିପଟରୁ ସହରକୁ ଘେରିପକାଇଲେ, ସହର ଆତ୍ମସମର୍ପଣ କରିବ,କାହିଁକିନା, ଗାଁବାଲା, ଯିଏ ପ୍ରକୃତ ଉତ୍ପାଦକ, ସଂଖ୍ୟାରେ ଏତେ ବେଶି ଯେ ସହରର ନିଷ୍କର୍ମା, ପରାନ୍ନଭୋଜୀ, ସଂଖ୍ୟାଗତ ସ୍ୱଳ୍ପତା ହେତୁ, ଆତ୍ମସମର୍ପଣ ନକରି ବାଟ ପାଇବେ ନାହିଁ । ଦରିଦ୍ର ତ ସେକାମ କରୁନାହାନ୍ତି । ସତୁରି ଦଶକରେ ନକ୍ସଲ ବୋଲି ଯୋଉ ଟୋକା ବାହାରିଲେ,କହିଲେ ଚିନ୍‌ର ଚେୟାର୍‌ମ୍ୟାନ୍ ବି ଆମ ଚେୟାର୍‌ମ୍ୟାନ୍ । ମାଓ ଘୋର ବିରକ୍ତହୋଇ କହିଥିଲେ, କୌଣସି ଜାତି-ରାଷ୍ଟ୍ର ପକ୍ଷରେ ଏଭଳି ସ୍ଲୋଗାନ୍ ଆନ୍ଦୋଳନ ପ୍ରତି ଲୋକଙ୍କୁ ବିମୁଖ କରିବ ସିନା, ଆକର୍ଷଣ କରିବନାହିଁ । କିନ୍ତୁ ଆମ ତଥାକଥିତ ବିପ୍ଳବୀଙ୍କ ସକାଶେ ଆଇଡେଣ୍ଟିଟି ସମସ୍ୟା ହୋଇପଡ଼ିଚି ତାତ୍ତ୍ୱିକ ସମସ୍ୟା । କିଏ କହୁଚି ମାର୍କସିସ୍ଟ, କିଏ କହୁଚି ମାର୍କ୍ସ-ଲେନିନ୍, କିଏ କହୁଚି ମାଓ । ତଫାତ୍ କୋଉଠି, ବଞ୍ଚିତ ଶୋଷିତ ଲୋକ ବୁଝିବ କେମିତି ? ଯୋଉ ଗୋଟାକ ତଫାତ୍ ଆଖିକୁ ଦିଶୁଚି, ତା ପାର୍ଲାମେଣ୍ଟାରୀ ରାଜନୀତି । ତଥାକଥିତ ମାଓବାଦୀ ଭୋଟ୍ ଉପରୁ

Digitized by srujanika@gmail.com

ଆସ୍ଥା ହରାଇଛନ୍ତି, ଯେପରି ହରାଇଥିଲେ ପାର୍ଲାମେଣ୍ଟାରୀ ରାଜନୀତି, ପୁଣି ଭୂଦାନ-ଯଜ୍ଞ (ଅର୍ଥାତ୍ ଦାନ-ଯଜ୍ଞ ଭଳି ଧର୍ମୀୟ ଅନୁଷଙ୍ଗରୁ) ନବକୃଷ୍ଣ ଚୌଧୁରୀ । ଅଙ୍ଗେ ନିଭାଇ ବୁଝିପାରିଥିଲେ, ବିକାଶର ଯୋଉ ସ୍ତରରେ ସମାଜ ରହିଚି, ଭୋଟପ୍ରଥା ତାକୁ ଦୁର୍ବଳ କରୁଚି ଆହୁରି । ଅନୈକ୍ୟ, ଅସାମ୍ୟ ଯୋଉ ସମାଜର ଭିତ୍ତି, ଜନମତ ସେଠି ନିରଙ୍କୁଶ ହୋଇପାରେନା । ଅଥଚ ଭାବିଚିନ୍ତି ପାରୁଥିବା ପରାର୍ଥବାଦୀ ଲୋକଙ୍କ ସକାଶେ ଅସଲ ପ୍ରଶ୍ନ ହେଲା, ଇକୋଆଲିଟି ବା ସମତା, ଯୋଉ ସମତା ଅଭାବରେ ମଣିଷର ଅନ୍ତର୍ନିହିତ ସମ୍ଭାବନାଗୁଡ଼ାକ ବିକଶିତ ହୋଇପାରେନା; ଘଟିପାରେନା ଚିନ୍ତା ଓ କର୍ମର ସମବାୟ । ଗଣତନ୍ତ୍ର ସେଇ ପ୍ରକ୍ରିୟାର ସହାୟକ କେବଳ । ମୌଳବାଦ କିନ୍ତୁ ମଣିଷକୁ ଗୋଟାଏ ସ୍ଥିରବିନ୍ଦୁରେ ଅଟକାଇରଖି କରିଦିଏ ଅଚଳ । ସୋପାନକ୍ରମ ଗୁଡ଼ାକୁ ଅତିକ୍ରମ କରିବାକୁ ଦିଏନା ।

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଶେଷଜ୍ଞ ଅମିର୍ ତାହେରି କିନ୍ତୁ କହୁଚନ୍ତି, ଇସ୍‌ଲାମ୍ ଓ ଗଣତନ୍ତ୍ର ପରସ୍ପର ପ୍ରତୀପ, କାହିଁକିନା, ଇକୋଆଲିଟି ବା ସମକକ୍ଷତା ଗଣତନ୍ତ୍ରର ପୂର୍ବସର୍ତ୍ତ ହେଲେସୁଦ୍ଧା, ଇସ୍‌ଲାମ୍ ସମକକ୍ଷତାକୁ ଗ୍ରାହ୍ୟକରେନା । ଏପରିକି, ଆର୍ବୀ କିମ୍ବା ଫାର୍ସୀ ଭାଷାରେ, ସମକକ୍ଷତାର ପ୍ରତିଶବ୍ଦ ସୁଦ୍ଧା ସ୍ଥାନ ପାଇନାହିଁ । ଆରବ-ଜଗତ୍ ବିକାଶର ପ୍ରାଥମିକ ପର୍ଯ୍ୟାୟରେ ଗ୍ରୀକ୍‌ଚିନ୍ତାରୁ ଗ୍ରହଣକରିଚି ଅନେକ ଆଇଡିଆ । ଇକୋଆଲିଟି ଆସିଚି ଗ୍ରୀକ୍, *Isoteos* ଶବ୍ଦରୁ, ମାତ୍ର ତାର ପ୍ରତିଶବ୍ଦ ଆରବ-ଜଗତର କୌଣସି ଭାଷାରେ ମିଳିନାହିଁ । ଏପରିକି, ୧୮୯୦ ଆଗରୁ 'ଗଣତନ୍ତ୍ର' ଶବ୍ଦଟା ମଧ୍ୟ ପ୍ରବେଶ କରିନାହିଁ ମୁସଲିମ୍ ଦୁନିଆର ଶବ୍ଦଭଣ୍ଡାରକୁ । ଅଧିକନ୍ତୁ ଷ୍ଟେଟ୍ (ରାଷ୍ଟ୍ର) ଗଭର୍ନମେଣ୍ଟ (ସରକାର) ପଲିଟିକ୍ସ (ରାଜନୀତି) ଭଳି ଶବ୍ଦର ପ୍ରତିରୂପ *କୋରାନ୍*ରେ ମଧ୍ୟ ସ୍ଥାନପାଇନାହିଁ ଇସ୍‌ଲାମ୍‌ର ଶୈଶବରେ, ଯଦିଚ ପ୍ରାଚୀନ ଗ୍ରୀକ୍ ପୋଥିପତ୍ର ଯଥେଷ୍ଟ ଅନୁବାଦ କରିଚନ୍ତି ମୁସଲମାନ ଜିଜ୍ଞାସୁ । ଇସ୍‌ଲାମିକ୍ ସଭ୍ୟତାର ଭଲମନ୍ଦ ବୁଝିପାରିବାକୁ ତାର ଭାଷାସମ୍ଭାରକୁ ଅନୁଧ୍ୟାନ କରିବା ତେଣୁ ପ୍ରାଥମିକ କର୍ତ୍ତବ୍ୟ, କାହିଁକିନା, ଭାଷାହିଁ ଗଠନକରେ ମାନସିକତା । ମାନସିକତାର ଗଠନ ଯେହେତୁ ଭାଷାଗଢ଼ଣର ସମାନ୍ତରାଳ, ସଭ୍ୟତାସଂସ୍କୃତି ଇତ୍ୟାଦି ପରିଦୃଷ୍ଟ ବିଭାବକୁ ସଂଶ୍ଳିଷ୍ଟ ପ୍ରେକ୍ଷିତରୁ ବିଚ୍ଛିନ୍ନକରି ବିଚାରକରିବା ଅସମୀଚୀନ । ତାହେରି ସାହେବ ହୁଏତ ଉଚିତ କଥା କହିଚନ୍ତି, କିନ୍ତୁ ତାଙ୍କ ପ୍ରେକ୍ଷିତଟା ପୁରାପୁରି ରାଜନୀତିକ । ଅର୍ଥାତ୍, **ସଣ୍ଡେ ଟାଇମ୍‌ସ୍‌ର** ମେ' ୨୩, ୨୦୦୪ ସଂଖ୍ୟାରେ ମୁଦ୍ରିତ ତାଙ୍କ ନିବନ୍ଧ କେବଳ ଏକ ପ୍ରତିକ୍ରିୟା । ୨୦୦୪ ମସିହାର ଢେର୍ ଆଗରୁ ହାର୍‌ଭାର୍ଡ୍ ବିଶ୍ୱବିଦ୍ୟାଳୟର ରାଷ୍ଟ୍ରବିଦ୍ୟାର ଅଧ୍ୟାପକ ସାମୁୟେଲ୍ ପି. ହଣ୍ଟିଙ୍ଗଟନ୍‌ଙ୍କ ଲେଖା The clash of Civilisations ? *ଫରେନ୍ ଆଫାୟାରସ୍* ପତ୍ରିକାର ୧୯୯୩ ଗ୍ରୀଷ୍ମ ସଂଖ୍ୟାରେ ପ୍ରକାଶିତ ହେବାପରେ ଚହଳ ପଡ଼ିଯାଏ ଦୁନିଆସାରା । ଉସାହିତ ହଣ୍ଟିଙ୍ଗଟନ୍ ବକ୍ତବ୍ୟକୁ ପ୍ରସାରିତ କରି ଦୁଇବର୍ଷ ଉତାରୁ ୧୯୯୫ରେ ପ୍ରଚାରକରନ୍ତି ବିପୁଳକାୟ ଗ୍ରନ୍ଥ

Digitized by srujanika@gmail.com

ଏବଂ ପ୍ରଶ୍ନବାଚକ ଚିହ୍ନଟାକୁ ପ୍ରତ୍ୟାହରକରି ବୁଝାଇଦିଅନ୍ତି, ଯା କହିଚନ୍ତି, ତା ଅକାଟ୍ୟ, ଯଦିଓ ଇସ୍‌ଲାମିକ୍ ସଭ୍ୟତାକୁ ସ୍ଥାଣୁ ଓ ଅପରିବର୍ତ୍ତନୀୟ ବୋଲି ପ୍ରତିପନ୍ନ କରିଚନ୍ତି ନିଜ ରଚନାରେ । ମାତ୍ର, ସଭ୍ୟତା ବା ସଂସ୍କୃତି ଯେହେତୁ ମନୁଷ୍ୟକୃତ ବିଷୟ,ଅପରିବର୍ତ୍ତନୀୟତାକୁ ସ୍ୱୀକାର କରିନାହାନ୍ତି ଜଗତର ଜ୍ଞାନୀ-ଗୁଣୀ,କାହିଁକିନା,ପୃଥିବୀର ଆବହମାନ ଇତିହାସ ହଣ୍ଟିଙ୍ଗଟନଙ୍କ ନିର୍ବାଚିତ ତତ୍ତ୍ୱ ବିପକ୍ଷରେ ଯୋଗାଇ ଦେଇଚି ଭୂରିଭୂରି ନିଦର୍ଶନ । ମଣିଷ ଯା କରିପାରେ,ତା କେବଳ ପରିବର୍ତ୍ତନ; ଅପରିବର୍ତ୍ତନୀୟତା ଧାରଣା ତେଣୁ ମୌଳବାଦ । ପରମ-ତତ୍ତ୍ୱ, ଚରମ-ସତ୍ୟ କଥାଗୁଡ଼ାକ ସ୍ଥାନକାଳ ନିର୍ବିଶେଷରେ ଆପେକ୍ଷିକ ମାତ୍ର; ଜ୍ଞାନାନ୍ୱେଷଣ କ୍ଷେତ୍ରରେ ସେଭଳି ଶବ୍ଦପୁଞ୍ଜର ଉପଯୋଗରୁ ସେଥିପାଇଁ , ବିରତ ରହିଚନ୍ତି ବିଜ୍ଞାନୀ । ରହିଚନ୍ତି ବୋଲି, ସଂଗଠିତ ଧର୍ମର ଆଧିଭୌତିକ ପ୍ରତ୍ୟୟ ପାଖରୁ ସଂସ୍ରବ ତ୍ୟାଗକରିଚନ୍ତି ସେଇ ଗ୍ୟାଲିଲେଓଙ୍କ ଅମଳରୁ । ସଭ୍ୟତା କି ସଂସ୍କୃତିକୁ ଯଦି ଧର୍ମଧାରା ଗଠିତ କରିଥାଏ ବା କରୁଥାଏ,ସେ ଧାରା କି ସଂସ୍କୃତି ମଧ୍ୟ ଭୂଗୋଳ-ଇତିହାସ ନିର୍ବିଶେଷରେ ଏକା ଜାଗାରେ ଠିଆହୋଇ ରହିନାହିଁ ଯୁଗଯୁଗାନ୍ତର । ଯେପରି, ଉର୍ଦ୍ଦୁଭାଷାର ବିଂଶଶତକର ଶ୍ରେଷ୍ଠ କବି ମହମ୍ମଦ ଇକ୍‌ବାଲ, 'ଖାତେମୂଲ୍ ଆମ୍ବିୟା' (ଶେଷ ନବୀ) ପଦବୀର ବ୍ୟାଖ୍ୟା କରିଚନ୍ତି *Six Lectures on the Reconstruction of Religious Thought in Islam* ରେ । ତାର ସାରାତ୍‌ସାର ହେଲା,ହଜ୍‌ରତ୍ ମହମ୍ମଦ ପୂର୍ବାହ୍ନରେ ମଧ୍ୟ ଉପଲବ୍ଧି କରିଥିଲେ ଯେ ଅଦୂର ଭବିଷ୍ୟତରେ ମଣିଷର ବୁଦ୍ଧି ଓ ଜ୍ଞାନ ଏତେ ଶକ୍ତି ଓ ଯୋଗ୍ୟତା ଅର୍ଜ୍ଜନକରିବ ଯେ ଐହିକ କର୍ତ୍ତବ୍ୟକର୍ମରେ ଅନ୍ତତଃ, ବ୍ୟକ୍ତିଜୀବନ ଓ ସମାଜଜୀବନକୁ କରିପାରିବ ବ୍ୟବସ୍ଥିତ । ହୋଇଚି ମଧ୍ୟ ଅନୁରୂପ । *କୋରାନ୍ ମଜିଦ୍*-ରେ ମଧ୍ୟ କୁହାଯାଇଚି, ଜ୍ଞାନ ଲାଭକର, ଦରକାର ପଡ଼ିଲେ ଚିନ୍ ଯାଇ ଜ୍ଞାନ ଲାଭକର । ବୋଲିବା ବାହୁଲ୍ୟ, ପାରତ୍ରିକ ଜ୍ଞାନଲାଭ ସକାଶେ ଚିନ୍ ଯିବାକୁ କୁହାଯାଇନାହିଁ । ଚିନ୍ ସେତେବେଳେ ବିଖ୍ୟାତ ଥିଲା ତାର ହିକ୍‌ମତ୍ ସକାଶେ ; ଥିଲା ବୋଲି 'ହିକ୍‌ମତ୍-ଏ-ଚିନ୍' କଥାଟା ଉର୍ଦ୍ଦୁ ଓ ଫାର୍ସୀ ଭାଷାରେ ବିଶେଷ ପ୍ରଚଳିତ । 'ହିକ୍‌ମତ୍' ମାନେ ଉଭୟ ବିଜ୍ଞାନ ଓ ପ୍ରୟୋଗବିଦ୍ୟା । ସାଏନ୍ସ ଆଣ୍ଡ ଟେକ୍ନଲଜି । ସନ୍ଦେହ ନାହିଁ, ଇକ୍‌ବାଲ୍‌ଙ୍କ ଏ ବ୍ୟାଖ୍ୟା ଉପମହାଦେଶର ଲକ୍ଷ ଲକ୍ଷ ଇକ୍‌ବାଲ୍‌ଭକ୍ତଙ୍କ ମନକୁ ପାଇନାହିଁ; ଯା ପାଇଚି,ତାକୁ କହୁଚନ୍ତି Pan-Islamism । କିନ୍ତୁ ସେଟା ସଭ୍ୟତାର ଦୋଷ ନୁହେଁ, ସଭ୍ୟତା-ବିଚାର ଭିତରକୁ ରାଜନୀତିର ଅନୁପ୍ରବେଶ । ଭୋଟ୍‌ରାଜନୀତିର ଅନୁପ୍ରବେଶ । ହଣ୍ଟିଙ୍ଗଟନ୍ ତାକୁହିଁ ଧରିଚନ୍ତି ଗଣ୍ଠିକରି, ଆଉ ତାହେରି ସାହେବ ବି ହାରିବାର ପାତ୍ର ନୁହେଁ । ଭାଷାଭଣ୍ଡାରକୁ କରିଚନ୍ତି ମନଗଠନର ନିୟାମକ । କିନ୍ତୁ ମୁସଲମାନ୍ ଜଣ ଖାଲି ଆର୍ବୀ ଫାର୍ସୀ ଶିଖୁଚନ୍ତି ସାରାଜୀବନ । ପଶୁନାହିଁ ତାଙ୍କ ମାନସିକ-ଗଠନ ଭିତରକୁ ପ୍ରତି ମୁହୂର୍ତ୍ତରେ ଦୁନିଆଯାକ ଭାଷାରୁ ଗୃହୀତ ଅଜସ୍ର ଅଭିନବ ଶବ୍ଦ ଓ ସେଇ ଶବ୍ଦାବଳୀ ଦ୍ୱାରା ବାହିତ ବିଚିତ୍ର ବିବିଧ ଆଇଡିଆ ? ବହୁ

Digitized by srujanika@gmail.com

ଭାଷାର ଐତିହ୍ୟ ଯୋଉ ମାନସିକତାକୁ ପ୍ରଭାବିତକରେ ଓ କରୁଥାଏ, କି ଅର୍ଥରେ ତା ଅପରିବର୍ତ୍ତନୀୟ ? ବଡ଼େ ଗୁଲାମ୍‌ଅଲି ଖାଁ ଆସରରେ ବସି, ଭୋର୍‌ ହୋଇଗଲେ ଗାଉଥିଲେ, 'ହରି ଓଁ ତତ୍‌ସତ୍‌ ଜପାକରୋ' । ବନ୍ଦୀଶ୍‌ରେ ଅଛି ସଂସ୍କୃତ ଶବ୍ଦ । ଇକ୍‌ବାଲ୍‌ ଇଂରେଜୀ ପଢ଼ିଚନ୍ତି କେମ୍ବ୍ରିଜ୍‌ରେ । ସାଲବେଗ କବିତା ଲେଖିଚନ୍ତି ଓଡ଼ିଆରେ, ନଜରୁଲ୍‌ କବିତା ଲେଖିଚନ୍ତି ବଙ୍ଗଳାରେ । ବଶିର୍‌ ଗଳ୍ପ ଲେଖିଚନ୍ତି ମାଲୟାଲାମ୍‌-ରେ ଅସଂଖ୍ୟ ଉଦାହରଣ ଦିଆଯାଇପାରେ । ଇସ୍‌ଲାମିକ୍‌ ସଭ୍ୟତା କହିଲେ କୋଉ ନିଟୋଳ ଜିନିଷ ଅଛି ନା କଣ, ପରୀକ୍ଷାକରି କହିଦେଇହେବ ପରିବର୍ତ୍ତନ ତାକୁ ସ୍ପର୍ଶକରିନାହିଁ ? କିନ୍ତୁ ତାହେରି ସାହେବ ପଣ୍ଡିତ ଲୋକ, ଧର୍ମକୁ ଆଧ୍ୟାତ୍ମିକତାର ଅନୁଷଙ୍ଗ ଭାବରେ ନଦେଖି, ଦେଖିଚନ୍ତି ପଲିଟିକ୍ସର ପ୍ରେକ୍ଷାପଟରେ । ହଣ୍ଟିଙ୍ଗ୍‌ଟନ୍‌ଙ୍କ ଥିସିସ୍‌ ତାକୁ ପ୍ରରୋଚିତ କରିଚି ହୁଏତ । ସତକୁ ସତ, ଧର୍ମକୁ ନେଇ ଯେତେ ବାଦବିବାଦ,ତା ମୂଳରେ ଆଲ୍ଲାହ୍‌, ଗଡ୍‌ କି ଭଗବାନ ନାହାନ୍ତି, ଅଛି କେବଳ ପଲିଟିକ୍ସ, କ୍ଷମତା ସକାଶେ ହେଉ କି ଭୋଟ୍‌ ସକାଶେ ହେଉ ।

ତାହେରି ସାହେବଙ୍କ ଅନ୍ୟ ପ୍ରମାଣ ହେଲା, ଇସ୍‌ଲାମ୍‌ ଅଣ-ମୁସଲମାନମାନଙ୍କୁ ମନେକରେନା ଆତ୍ମମର୍ଯ୍ୟାଦାରେ ମୁସଲମାନମାନଙ୍କ ସମକକ୍ଷ ; ଏପରିକି, ଏକେଶ୍ୱରବାଦୀ ଇହୁଦୀ କି ଖ୍ରୀଷ୍ଟାନ୍‌ଙ୍କୁ ମଧ୍ୟ ସ୍ଥାନଦିଏ ମୁସଲମାନଙ୍କ ତଳକୁ । ଏ ଭେଦାଭେଦ ପୁଣି ମନୁଷ୍ୟ-ପ୍ରଜାତି ପ୍ରତି ଖାଲି ପ୍ରଯୋଜ୍ୟ ନୁହେଁ; ପଶୁପକ୍ଷୀ,ତରୁଲତା ମଧ୍ୟ ଏଭଳି ଉପର-ତଳ ବିଚାରରେ ସ୍ୱର୍ଗ ବା ନରକକୁ ଯିବେ; ଏବଂ ଥାକଗୁଡ଼ାକ ଯେହେତୁ ସ୍ୱୟଂ ଭଗବାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ, ଖଲିଫା କି ରାଜା ହେଲେ ସୁଦ୍ଧା, ମଣିଷ କରିପାରେନା ବିଧିର ବିଧାନ ଉପରେ ହସ୍ତକ୍ଷେପ । ଯେପରି, ମୁସ୍‌ଲିମ୍‌ ନାରୀକୁ କରିପାରେନା ମୁସ୍‌ଲିମ୍‌ ପୁରୁଷର ସମକକ୍ଷ । ଅର୍ଥାତ୍‌ ଜନସାଧାରଣ (ଗ୍ରୀକ୍ *demos*) ଏ ଭାବରେ କ୍ରମୋଚ୍ଚ ସୋପାନରେ ବିନ୍ୟସ୍ତ ହୋଇଥିବା କାରଣରୁ ଲୋକତନ୍ତ୍ର କିମ୍ବା ଜାତୀୟ ସାର୍ବଭୌମତ୍ୱ ଭଳି ଅବବୋଧ ଇସ୍‌ଲାମ ପକ୍ଷରେ ଅବୈଧ; ଏପରିକି ,ପ୍ରଜାଙ୍କ ସ୍ୱାର୍ଥରେ ଖଲିଫା କି ରାଜା ମଧ୍ୟ ଆଇନ୍‌ ବଦଳାଇ ପାରିବେନାହିଁ, ବ୍ୟାଖ୍ୟା କରିପାରିବେ କେବଳ ଯଥାପ୍ରାପ୍ତ ବିଧାନର, ଏବଂ ସେ ବ୍ୟାଖ୍ୟାରୁ ବାହାରିପାରେ ନବବିଧାନ ବା ସଂସ୍କାର । ଅନ୍ୟ ଶବ୍ଦରେ, ମଣିଷ ଉପରେ ମଣିଷର ଶାସନ ଅପେକ୍ଷା ଈଶ୍ୱରଙ୍କ ଅଭିଭାବକତ୍ୱ ଯେହେତୁ କଲ୍ୟାଣକର,ଗଣତନ୍ତ୍ର ଇସ୍‌ଲାମ ଦୃଷ୍ଟିରେ ଏକ ନିକୃଷ୍ଟ ସମାଜବ୍ୟବସ୍ଥା । ପୁଣି, ମଣିଷତିଆରି ନୀତିନିୟମ ଯେହେତୁ ନିଃସ୍ୱାର୍ଥ ନୁହେଁ, ଜଗତର ଦୁର୍ଗତି ପାଇଁ ଗଣତନ୍ତ୍ରର ଅବଦାନ ମଧ୍ୟ ଊଣା ନୁହେଁ । ନୁହେଁ ବୋଲି, ତାହେରି ସାହେବଙ୍କ ନିଜ ଦେଶ ଇରାନ୍‌ରେ ଆୟାତୋଲା ଖୋମେଇନି ଗଣତନ୍ତ୍ରକୁ ପତିତାବୃତ୍ତି ସହିତ ଉପମା ଦେବାକୁ ଦ୍ୱିଧାକରିନାହାନ୍ତି । ସନ୍ଦେହ ନାହିଁ, ତାହେରି ସାହେବଙ୍କ ବକ୍ତବ୍ୟ ଯୁକ୍ତିସଙ୍ଗତ । କିନ୍ତୁ ଯୁକ୍ତିପ୍ରବଣତା ମଣିଷର ସହଜାତ; ନହେଲେ ଜଗତକୁ କି ଜୀବନକୁ ବୁଝିପାରନ୍ତି ନାହିଁ ମଣିଷ ।

Digitized by srujanika@gmail.com

ସହଜାତ ସେଇ ସାମର୍ଥ୍ୟ କିନ୍ତୁ ବିକଶିତ ହୋଇପାରେ ଜ୍ଞାନ ଓ ବୁଦ୍ଧି ଯୋଉ ଅନୁପାତରେ ଆହରଣ କରିବ ମଣିଷ ଜୀବନଯାତ୍ରାରେ ଆଗକୁ ଯାଉଁ ଯାଉଁ । ଏବଂ ପାରିବ ବୋଲି, ଇକ୍‌ବାଲ୍ 'ଶେଷନବୀ' ପଦବୀର ବ୍ୟାଖ୍ୟା କରିଚନ୍ତି ଏ ଭାବରେ ଯେ ଭବିଷ୍ୟତରେ ଆଉ ଆବଶ୍ୟକ ହେବନାହିଁ ଅତିପ୍ରାକୃତ ଉପାୟରେ ଜ୍ଞାନର ଉଦ୍‌ଘାଟନ (ରେଭିଲେଇସନ୍) । କାହିଁକିନା, ନିଜ ବୁଦ୍ଧିବିବେଚନା ବଳରେ ମଣିଷ କ୍ରମାଗତ କରିପାରିବ ବ୍ୟକ୍ତିଜୀବନ ଓ ସମାଜଜୀବନକୁ ସମନ୍ୱିତ । ଅର୍ଥାତ୍; 'ଶେଷ ନବୀ' ମଧ୍ୟ ଅନୁମୋଦନ କରିଚନ୍ତି, ପରିବର୍ତ୍ତନର ଅପରିବର୍ତ୍ତନୀୟତା ।

ପ୍ରସଙ୍ଗତଃ, ଗ୍ରୀକ୍ ଦାର୍ଶନିକ ସୋକ୍ରତିଜ୍-ଙ୍କ କଥା ଉଲ୍ଲେଖ କରିଚନ୍ତି ତାହେରି । ନଗର-ରାଷ୍ଟ୍ର ଆଥେନ୍ସର ପ୍ରତ୍ୟେକ ସାବାଳକ ନାଗରିକ ଆଇନ୍‌ପ୍ରଣୟନରେ ଅଂଶ ଗ୍ରହଣକରିଚନ୍ତି ପ୍ରତ୍ୟକ୍ଷ; ମାତ୍ର ସୋକ୍ରତିଜ୍ କହିଚନ୍ତି, ପ୍ରତ୍ୟେକ କାମପାଇଁ ପାତ୍ର-ଅପାତ୍ର ବିବେଚନା ଜରୁରୀ,କାହିଁକିନା, ଲୋକଙ୍କ ମଙ୍ଗଳ କୋଉ ଉପାୟରେ କରିହେବ, ସ୍ଥିରକରିପାରିବେ କେବଳ ଯୋଗ୍ୟତମ ବ୍ୟକ୍ତି; ଅର୍ଥାତ୍ ଏକ୍ସପର୍ଟ ବା ବିଶେଷଜ୍ଞ । ପ୍ରତିବାଦ କରିଛନ୍ତି ସୋଫିସ୍ଟ୍ ପ୍ରୋଟାଗୋରସ୍ ; କହିଚନ୍ତି, ସାରା ସମାଜର ସ୍ୱାର୍ଥ ଯୋଉଠି ବିବେଚ୍ୟ, ସକଳ ନାଗରିକ ସେଠି ବିଶେଷଜ୍ଞ । ନିଜ ଭଲମନ୍ଦ ବିଚାରକରିବାକୁ ବିଶେଷ ଜ୍ଞାନାର୍ଜନ ବା ଏକ୍ସପର୍ଟିଜ୍‌ର ଦାବି ତେଣୁ ଆମୂଳ ଅଯୌକ୍ତିକ । ପ୍ରୋଟାଗୋରସ୍‌ଙ୍କ ପ୍ରତିପାଦ୍ୟ : ଇତର ପ୍ରାଣୀଠାରୁ ମଣିଷର ପାର୍ଥକ୍ୟ ବୁଦ୍ଧି ବା ଇଣ୍ଟେଲିଜେନ୍ସ, ଏବଂ ବୁଦ୍ଧିବିବେଚନା ସହଜାତ ହେଲେସୁଦ୍ଧା ସାମାଜିକ ଆଦାନପ୍ରଦାନ ଦ୍ୱାରା ହୋଇଥାଏ ଲାଳିତ ଓ ପୁଷ୍ଟ । ସାଂସାରିକ ଶୁଭାଶୁଭ ସ୍ଥିରକରିବାକୁ ତେଣୁ କାଣ୍ଡଜ୍ଞାନ ହିଁ ଯଥେଷ୍ଟ । ବାସ୍ତବ କ୍ଷେତ୍ରରେ ମଧ୍ୟ ଦେଖାଯାଇଚି, କ୍ୟାପିଟାଲିଜ୍ମର ଅଭ୍ୟୁଦୟ ଆଗରୁ ଅଲଗା ଅଲଗା କାମପାଇଁ ଅଲଗା ଅଲଗା ବିଶେଷଜ୍ଞଙ୍କ ପ୍ରୟୋଜନ ପୃଥିବୀ ଅନୁଭବ କରିନାହିଁ । ପାରମ୍ପାରିକ ବିବେଚନାରେ କିନ୍ତୁ ଇତର ପ୍ରାଣୀ ଭଳି ମଣିଷ ବି ଆଜନ୍ମ ଅସହାୟ; ହେବ କେମିତି ତେବେ ଏକ୍ସପର୍ଟ ! ଇତିହାସରୁ କିନ୍ତୁ ଦିଶୁଚି, ବିଧିଦତ୍ତ ଏଇ ବିଧାନ ପାଳନ କରିନାହାନ୍ତି ଭାରତରେ ସମ୍ରାଟ ଆକବର୍, ବିଂଶ ଶତକର ବିଂଶଦଶକରେ ତୁର୍କୀରେ କେମାଲ୍ ଆତାତୁର୍କ ; ମଧ୍ୟଯୁଗରେ, ସୁଫିସନ୍ଥ, ପୀରଫକୀର ଦର୍‌ବିଶ୍ । ହେଲେସୁଦ୍ଧା, ତାହେର୍ ସାହେବ କହୁଚନ୍ତି, ସଂବିଧାନକୁ ସିନା ବଦଳାଇ ପାରିବ ପାର୍ଲାମେଣ୍ଟ, *କୋରାନ୍‌*କୁ ବଦଳାଇବ କିଏ ? ତା ବୋଲି, ଆମକୁ କଣ ମାନିନେବାକୁ ପଡ଼ିବ ହଣ୍ଟିଙ୍ଗଟନ୍‌ଙ୍କ ସିଦ୍ଧାନ୍ତ ଯେ ଇସ୍‌ଲାମିକ୍‌ସଭ୍ୟତା ସ୍ଥାଣୁ ଏକ ଅଚଳାୟତନ, ଏବଂ ସେଥିପାଇଁ, ଅବଶିଷ୍ଟ ସଭ୍ୟତାର ସଂଘାତ ତା ସହିତ ଅନିର୍ବାର୍ଯ୍ୟ ? *କୋରାନ*ର ଅନୁଶାସନକୁ କଣ ଆହ୍ୱାନ ଜଣାଉନାହିଁ ଆଜି ମୁସଲମାନ୍ ନାରୀ ? ମୋଟ କଥା, ଧର୍ମ ମୋଟେ ମୌଳବାଦ ନୁହେଁ; ପଲଟିକ୍ସ ସ୍ୱାର୍ଥରେ ତା ଦିହରେ ଲଗାଇ ଦିଆଯାଇଚି ମୌଳବାଦ ବା ଅଚଳାୟତନର ଅପବାଦ । ଖାସ୍ ଭାରତୀୟ ଉପମହାଦେଶରେ ଗଣତନ୍ତ୍ର ସକାଶେ କଣ ଏକ୍ଷଣି ଲଢ଼ାଇ ଚାଲିନାହିଁ ପାକିସ୍ତାନରେ, ବାଂଲାଦେଶରେ ?

Digitized by srujanika@gmail.com

ମୁନିଙ୍କର ବି ହୋଇପାରେ ମତିଭ୍ରମ । ମୁଁ ନହେଲେ ବୁଝିପାରିନାହିଁ, ମୁସଲମାନ, ଏଲିଟ୍ ହେଲେସୁଦ୍ଧା, ମନର ଅତଳରେ ପୋଷିରଖିଚନ୍ତି ସ୍ୱର୍ଶକାତରତା । ଭାବିଚି, ମୁହମ୍ମଦ ତ ନିରାକାର ଶୂନ୍ୟ ନୁହେଁ, ଯୁଗପୁରୁଷ, ଐତିହାସିକ ବ୍ୟକ୍ତିତ୍ୱ; ତାଙ୍କର ଫେର୍ ପ୍ରତିକୃତି ନରହିବ କାହିଁକି ? **ଏନ୍‌ସାଇକ୍ଲୋପିଡିଆ ଅବ୍ ଓର୍‌ଲ୍ଡ ରିଲିଜନ୍‌ସ୍** ରୁ ଛବିଟା ଆଣି ମଲାଟରେ ଛାପିଦେଇଚି । ତରବାରି ଧରିଚନ୍ତି କି ଆଉକଣ ଧରିଚନ୍ତି , ଖିଆଲ କରିନାହିଁ । କିନ୍ତୁ ଏତିକି ଜାଣିଚି, ସେତେବେଳେ କ୍ୟାମେରା ବାହାରି ନାହିଁ, ଇତିହାସରେ ତାଙ୍କ କର୍ତ୍ତବ୍ୟକର୍ମ ଯେମିତି ଲିପିବଦ୍ଧ ହୋଇଚି, ଚିତ୍ରକର ତଦନୁସାରେ ପ୍ରତିକୃତି ଆଙ୍କିଚି । ଯୋଉ ସଂସ୍କାରରେ ମୁଁ ନିଜେ ମଣିଷ ହୋଇଚି, ସେଠି ଦେବତା-ଦାନବ ଯୁଦ୍ଧ ହୁଏ, ଏବଂ ସେଥିପାଇଁ, ବିଷ୍ଣୁଙ୍କ ହାତରେ ଅଛି ସୁଦର୍ଶନ ଚକ୍ର, ଶିବଙ୍କ ହାତରେ ତ୍ରିଶୂଳ, ଦୁର୍ଗାଙ୍କ ହାତରେ ଦଶପ୍ରହରଣ । ମୁହମ୍ମଦଙ୍କ ହାତରେ ଖଣ୍ଡା,ଅଣ୍ଟାରେ ଛୁରୀ, ଅସ୍ୱାଭାବିକ ମନେହୋଇ ନାହିଁ ଅଧ୍ୟାବଧି । କିନ୍ତୁ ଯୋଉ ମୁସଲମାନ କବି ଲେଖିଚନ୍ତି, 'ସାରା ଜହାଁସେ ଆଛା ହିନ୍ଦୋସ୍ତାଁ ହମାରା / ହମ୍ ବୁଲ୍‌ବୁଲ୍ ହେଁ ଇସକୀ....,' ଇତ୍ୟାଦି, ସେଇ ବିଖ୍ୟାତ ଇକ୍‌ବାଲ୍ **ତରାନା-ଏ ମିଲ୍ଲୀ** କବିତା ଶେଷରେ କେମିତି ଲେଖିଲେ, 'ତେଗୋଁକେ ସାୟମେଁ ପଲ୍‌କର୍ ହମ୍ ଜବାଁ ହୁଯେ ହାଁ ଖଞ୍ଜର୍ -ଏ ହିଲାଲ୍ କା ହାୟ କଓମୀ ନିଶାଁ ହମାରା ?' (ତରବାରିର ଛାୟାତଳେ ଲାଳିତହୋଇ ଯୌବନ ଲାଭକରିଛୁଁ ଆମେ / ବକ୍ର ଛୁରିକା ହିଁ ଚିହ୍ନିତ ହୋଇଚି ଆମ ଜାତୀୟ-ପତାକାରେ ।) ପ୍ରସିଦ୍ଧ ଏଇ କବିଙ୍କ ଆଖିକୁ ତୃତୀୟଥର ଦେଖାଦେଇଚି କ୍ଷୀଣ ଶଶି ବକ୍ର ଛୁରିକାର ପ୍ରତୀକ ରୂପରେ । କିମାଶ୍ଚର୍ଯ୍ୟମ୍ ଅତଃପରମ୍ !

ଅତଃପର ତଥାପି ଆଶ୍ଚର୍ଯ୍ୟ ରହିଚି ; ବିଂଶ ଶତାବ୍ଦୀର ଇଂରେଜୀ ଭାଷାର ଶୀର୍ଷସ୍ଥାନୀୟ ଲେଖକଙ୍କ ଅଧୋଗତି । ଇକ୍‌ବାଲ୍-ଙ୍କ ଅଧୋଗତି ଯେମିତି ରାଜନୀତିକ, ଏଜ୍‌ରା ପାଉଣ୍ଡ, ଟି ଏସ୍ ଏଲିଏଟ୍, ଡି ଏଇଚ୍ ଲରେନ୍ସ-ଙ୍କ ଅଧୋଗତି ବି ସେମିତି ରାଜନୀତିକ । ଆଙ୍ଗିକ,ଭାଷା, ବସ୍ତୁତଃ ସର୍ବପ୍ରକାର କୌଶଳରେ ଅତିଶୟ ଅଗ୍ରସର ଏମାନେ ; ଅଥଚ ଭାବନା ବେଦନା ବେଳକୁ ଗତିଟା ପଶ୍ଚାଦ୍‌ମୁଖୀ । ପାଉଣ୍ଡ୍ ଓ ଲରେନ୍ସ ନିଜକୁ ପ୍ରକାଶ୍ୟରେ ଚିହ୍ନିତ କରିଚନ୍ତି ଫ୍ୟାସିସ୍ଟ । ଦ୍ୱିତୀୟ ମହାଯୁଦ୍ଧ କାଳରେ ମୁସୋଲିନିଙ୍କ ଗୁଣ କୀର୍ତ୍ତନକରିଚନ୍ତି ପାଉଣ୍ଡ୍ ଦିନପରେ ଦିନ ରୋମ୍ ରେଡିଓରୁ । ବିଂଶଶତକର ସ୍ଫୁଟନୋନ୍ମୁଖ ମାନବତନ୍ତ୍ରକୁ ଅଗ୍ରାହ୍ୟକରି ଏଲିଅଟ୍ ନିଜକୁ ଘୋଷଣାକରିଚନ୍ତି ମଧ୍ୟଯୁଗୀୟ କ୍ୟାଥଲିକ୍ ଧର୍ମର ପଦାଶ୍ରୟୀ, ରାଜଭକ୍ତି ତାଙ୍କୁ କରିଦେଇଚି ରାଜନୀତିରେ 'ରୟାଲିସ୍ଟ' । ଏଥିରୁ ବୁଝିବା କଥା, ରଜା କଣ ପାଇଁ ରଖୁଥିଲେ ରାଜଗୁରୁ, ରାଜକବି, ରାଜଜ୍ୟୋତିଷ । ଅଥବା, କବି କଣ ପାଇଁ କହିଚନ୍ତି, ବିନାଶ୍ରୟେ ନବର୍ତ୍ତନ୍ତେ କବିତା ବନିତା ଲତା । ସତେ ଅବା ନର୍ତ୍ତକୀ ଆଉ ଲାଉମଞ୍ଚାର ତଙ୍କ ସାଙ୍ଗରେ କବିତା ବି ଏକା ପ୍ରକାର ସମ୍ଭୋଗ ବସ୍ତୁ । ଏ ମଧ୍ୟ ରାଜନୀତି । ପର ପାଖରେ

Digitized by srujanika@gmail.com

ଆଶ୍ରୟ ଖୋଜିବାର ରାଜନୀତି । ଲେଖକ କଣ ସତରେ ଏତେ ନିଃସହାୟ ? *ବେଦ* ତାକୁ କହିଚି, ବାକ୍‌ସିଦ୍ଧ; *ଉପନିଷଦ* କହିଚି, କ୍ରାନ୍ତଦର୍ଶୀ । କ୍ରାନ୍ତି ମାନେ ବିପ୍ଳବ,ଜୀବନର ସର୍ବକ୍ଷେତ୍ରରେ ବିପ୍ଳବ । ତା ପାଇଁ ବାଣୀ ଯୋଗାଇଦେବେ ବାକ୍‌ସିଦ୍ଧ । ଯଶ ଅର୍ଥ ପ୍ରତିପତ୍ତିର ପ୍ରତ୍ୟାଶା ନାହିଁ ବୋଲି, ସେ ଲେଖକ ଅପୌରୁଷେୟ ; ଅର୍ଥାତ୍, ତା ନାଁ ଭଣିତା କରାଯାଉନାହିଁ କୁତ୍ରାପି । ଅଥଚ ଗଣତନ୍ତ୍ରରେ ସୁଦ୍ଧା, ଲେଖକଙ୍କ ଜିଭରୁ ଲାଳ ଗଡୁଚି, ଭୋଟ୍‌ଜୀବୀ କି କ୍ୟାପିଟାଲିସ୍ଟ କେତେବେଳେ ଭିକ୍ଷାପାତ୍ର ଭିତରକୁ ଫିଙ୍ଗିଦେବ ସୁଉକିଟାଏ କି ଅଧୁଲିଟାଏ । ପୋଷମନାଇବା ସକାଶେ ଏ ଉତ୍କୋଚକୁ କୁହାଯିବ 'ପୁରସ୍କାର', ନହେଲେ 'ସମ୍ମାନ' ! ତା ହେଲେ, ଲୋକଙ୍କୁ ବାଟ ଦେଖାଇବ କିଏ ? ବିଭ୍ରାନ୍ତିକର ଏଇ କାଳରେ, ସେଥିପାଇଁ, ଲେଖକର ନା ଅଛି ମର୍ଯ୍ୟାଦା, ନା ପୁରସ୍କାରର ଗୌରବ । ଅଥଚ ଉଭୟ ହଣ୍ଟିଙ୍ଗ୍‌ଟନ୍ ଓ ତାହେରି ଆନ୍ତର୍ଜାତିକ ଖ୍ୟାତି ଅର୍ଜିଥିବା ଲେଖକ । ଲୋକଙ୍କୁ ବାଟ ଦେଖାଇବା ମାନେ କଣ ନିଜ ମତାଦର୍ଶକୁ ତାଙ୍କ ଉପରେ ଚପାଇଦେବା ? ତେବେ ହିଗେମନି କହିବା କାହାକୁ ?ଲେଖକ ଚାହିଁବ, ଲୋକ ଭାବନ୍ତୁ , ଚିନ୍ତା କରନ୍ତୁ; ଦରକାର ମନେକଲେ ତିଆରିକରନ୍ତୁ କାଉଣ୍ଟର୍ ଡିସ୍‌କୋର୍ସ । ତେବେ ଯାଇ ଘଟିପାରେ ଚିତ୍ତକର୍ଷଣ ଓ ତହିଁରୁ ବହାରିପାରେ ଜୀବନଦର୍ଶନ ।

ଇକ୍‌ବାଲ୍ କି ତାହେରି ନହେଲେ ପାକିସ୍ତାନ ଓ ଇରାନ୍‌ର ଲୋକ ଯଥାକ୍ରମେ ; ମାତ୍ର ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ବୁସ୍ ଧର୍ମକୁ କଣପାଇଁ ବ୍ୟବହାର କରୁଚନ୍ତି ରାଜନୀତିକ ଅସ୍ତ୍ର ଭାବରେ, ବିଶେଷତଃ ବରାକ୍ ଓବାମା କହୁଚନ୍ତି ଯେତେବେଳେ, ଧର୍ମ ଆଉ ବନ୍ଧୁକ ଶିକ୍ଷାଦୀକ୍ଷାରେ ପଶ୍ଚାଦ୍‌ପଦ ଲୋକଙ୍କ ଅନ୍ଧର ଲଉଡ଼ି ? ଏତିକିରୁ କିନ୍ତୁ ଭୋଟ୍‌ତନ୍ତ୍ରର ପରାକ୍ରମ ପୁରାପୁରି ବୁଝିହେବ ନାହିଁ । ଆମେରିକା ମଧ ଆମରି ଭଳି ଔପନିବେଶିକତା ବିରୋଧରେ ସଂଗ୍ରାମ କରି ସ୍ୱାଧୀନ ହୋଇଚି ; ସେଠିକା ଲୋକ ଅବଶ୍ୟ ଆମ ଅପେକ୍ଷା ସ୍ୱଚ୍ଛଳ, ଶିକ୍ଷାଦୀକ୍ଷାରେ ଅଗ୍ରସର; ବଡ଼ବଡ଼ ବିଶ୍ୱବିଦ୍ୟାଳୟରେ ରହିଚନ୍ତି ଏକାଧିକ ନୋବେଲ୍ ଲରିଏଟ୍ ଶିକ୍ଷକ; ଏବଂ ଏ କାଳର ଏକମେରୁ ପୃଥିବୀରେ, ଧନ ବଳରେ ହେଉ କି ଅସ୍ତ୍ରବଳରେ, ଆମେରିକା ହିଁ ଜଗତର ହର୍ତ୍ତାକର୍ତ୍ତା । ହେଲେସୁଦ୍ଧା, ହଣ୍ଟିଙ୍ଗ୍‌ଟନ୍‌ଙ୍କ ସଂଘାତ ତତ୍ତ୍ୱ, କି ରାଜନୀତି, କି ସମ୍ବାଦ-ମାଧ୍ୟମ, ଏପରିକି ବାଟହାଟର ଆଳାପ-ଆଲୋଚନାକୁ ଏପରି ଆକ୍ରାନ୍ତ କରିଚି ଯେ ରାଷ୍ଟ୍ରପତି ଆସନ ପାଇଁ ଭୋଟ୍‌ପ୍ରାର୍ଥୀ, ରିପବ୍ଲିକାନ୍ ଦଳର ପ୍ରତିନିଧି ଜନ୍ ମ୍ୟାକ୍‌କାଇନ୍ ଲେଖିଚନ୍ତି,The underlying problem for the West is not Islamic fundamentalisn, IT IS ISLAM । ଲୋକମତ ଏଭଳି ପ୍ରଭାବିତ ଯେ ଏଇ ରକମ ଯୁଦ୍ଧଂ ଦେହି କଥା କହିଲେ ଭୋଟ୍ ମିଳିବ । ଏ କଥାର କରାମତି କେତେ ପ୍ରବଳ, ଜଣାପଡୁଚି, ମ୍ୟାକ୍ କାଇନ୍‌ଙ୍କ ପ୍ରତିପକ୍ଷ ଓବାମା କି ହିଲାରି କ୍ଲିଣ୍ଟନ୍ ଯେତେବେଳେ ପ୍ରତିବାଦ କରୁନାହାନ୍ତି ଇରାକ୍‌ରେ ବନ୍ଧୁକଚାଳନା ଅଭ୍ୟାସପାଇଁ ଆମେରିକାନ୍ ସୈନ୍ୟ *କୋରାନ୍* ଗ୍ରନ୍ଥକୁ କରୁଚନ୍ତି ଯଦି

Digitized by srujanika@gmail.com

ଲକ୍ଷ୍ୟବସ୍ତୁ । ଇସଲାମ୍ ତେଣୁ ଖାଲି ଆମେରିକା ପାଇଁ ଆସନ୍ନ ଅମଙ୍ଗଳର ଲକ୍ଷଣ ନୁହେଁ । ସମଗ୍ର ପଶ୍ଚିମ ଗୋଲାର୍ଦ୍ଧର ସୁଖଶାନ୍ତି ପ୍ରତି ସବୁଠୁଁ ବଡ଼ ବିଘ୍ନ । ଇସ୍‌ଲାମ୍, ତେବେ, ଖାଲି ଅନ୍ୟତମ ଧର୍ମମତ ନୁହେଁ, ଗୋଟାପଣେ ଏକ ସଭ୍ୟତା ! ପାଶ୍ଚାତ୍ୟ ଅଗ୍ରସର ସଭ୍ୟତା ପ୍ରତି ପାଶବିକ ବିଭୀଷିକା ! ବୌଦ୍ଧଧର୍ମ ତେବେ ଆଉ ଗୋଟାଏ ସଭ୍ୟତା ନିଶ୍ଚୟ ? ଜାପାନ କେମିତି ତେବେ ଅସ୍ତ୍ରବଳରେ ପୃଥିବୀକୁ ପଦାନତ କରିବାକୁ ଆରମ୍ଭକରିଥିଲା ଅଭିଯାନ ? ଏକା ଯୁକ୍ତିରେ ଖ୍ରୀଷ୍ଟଧର୍ମ ବି ଗୋଟାଏ ସଭ୍ୟତା । ଜନ୍ମଦେଲା କେମିତି ହିଟ୍‌ଲର୍ କି ମୁସୋଲିନିଙ୍କୁ, ପୃଥିବୀର ଅସ୍ତିତ୍ୱକୁ ଯିଏ କରିପକାଇଲେ ଆମୂଳବିପନ୍ନ ? ପ୍ରଶ୍ନଗୁଡ଼ିକୁ ପଚାରିବ ବା ପଚାରିବାକୁ ସାହସ କରିବ ଯିଏ, ଭୋଟ୍ ପାଇବ ନାହିଁ । ହିଟ୍‌ଲର୍-ମୁସୋଲିନି କିନ୍ତୁ ଭୋଟ୍ ବଳରେ ହିଁ କ୍ଷମତା ପାଇଥିଲେ । ତଥାପି, ଅବଶ୍ୟମ୍ଭାବୀ ବିପର୍ଯ୍ୟୟରୁ ମୁସଲମାନମାନଙ୍କୁ ବଞ୍ଚାଇବାକୁ ହେଲେ ପ୍ରଶ୍ନଗୁଡ଼ାକର ତାତ୍ପର୍ଯ୍ୟ ସାଂଘାତିକ । କାହିଁକିନା, ସାମ୍ରାଜ୍ୟବାଦର ବିସ୍ତାର ନିର୍ଭରକରୁଚି ପ୍ରଶ୍ନଗୁଡ଼ାକର ସଦୁତ୍ତର ଉପରେ । କିନ୍ତୁ ,ଯିଏ ପଚାରତେ ,ସଦ୍ଦାମ୍ ହୁସେନ୍‌ଙ୍କ ପାଖରୁ ଗୋପନରେ ତେଲପରମିଟ୍ ଆଣି, ଇରାକ୍ ଆକ୍ରମଣ ବେଳେ ପାଟିବୁଜି ବସି ରହିଲେ । ସେ ଟଙ୍କା ଭୋଟ୍‌ବେଳେ କର୍ମରେ ଆସିବ ଅବଶ୍ୟ । ଶସ୍ତାରେ ଗ୍ୟାସ୍ ଦେଲେଯାଇ ଇରାନ୍ ପାଉଚି ଆମ ସମର୍ଥନ ! ଅଥଚ ଆମେରିକାନ୍ ଡଲାର୍ ଆଉ ପରମାଣୁଶକ୍ତି କାନ୍ଧରେ ବସି ସାମ୍ରାଜ୍ୟବାଦ ପ୍ରବେଶକରୁଚି ଭାରତର ଅଭ୍ୟନ୍ତରକୁ ଅବଲୀଳାକ୍ରମେ । ମୁସଲମାନ୍ ଏଲିଟ୍ ଯଦି ଓଟପକ୍ଷୀ ଭଳି ବାଲିରେ ମୁହଁଗୁଞ୍ଜି ପଡ଼ିରହିବେ, ଭୋଟ୍‌ଜୀବୀଙ୍କ ହାତରେ ହେବେ କୀଡ଼ନକ, ତେବେ,' ବିନାଶକାଳେ ବିପରୀତ ବୁଦ୍ଧି', ନ୍ୟାୟରେ ମୋ ଭଳି ଅକିଞ୍ଚନ ଲୋକ ପଛରେ ଲାଗିବା ହିଁ ସାର ହେବ କେବଳ । ମର୍ମାହତ ହୋଇ ଉଚ୍ଚାରଣ କରିବାକୁ ପଡୁଚି ଏଇ ଖେଦୋକ୍ତି ।

କିନ୍ତୁ ପ୍ରସଙ୍ଗ ଥିଲା ମୌଳବାଦ । ମୌଳବାଦୀ ନକହି ସବର୍ଣ୍ଣ ହିନ୍ଦୁସମାଜକୁ ଆମ୍ବେଡ଼କର କହିଚନ୍ତି 'ମନୁବାଦୀ' । ମନୁବାଦ ତେଣୁ ମୌଳବାଦର ନାମାନ୍ତର ମାତ୍ର; ଅର୍ଥାତ, ପରିବର୍ତ୍ତନବିମୁଖ । କୋଉହେଲେ ନ୍ୟସ୍ତସ୍ୱାର୍ଥ ପରିବର୍ତ୍ତନରେ ବିଶ୍ୱାସ କରିପାରେନା ; ଅପରିବର୍ତ୍ତନ ହିଁ ତାର ଭାବଜଗତ ; ଯେପରି,ଷ୍ଟେଟ୍ ବା ରାଷ୍ଟ୍ରକୁ ଧରିନେଇଛୁଁ ଚିରନ୍ତନ । ଅଥଚ ମନୁବାଦ ଯେମିତି ମନୁ ନାମଧେୟ ଲୋକଟିର ରଚନା, ଷ୍ଟେଟ୍ ସେମିତି ଆକାଶରୁ ଖସିନାହିଁ, ଆପଣା ସୁବିଧା ପାଇଁ ମଣିଷ ହିଁ ତିଆରିକରିଚି ରାଷ୍ଟ୍ରବ୍ୟବସ୍ଥା । ଅସୁବିଧା ହେଲେ ଭାଙ୍ଗିଦେଇପାରେ ନିଶ୍ଚୟ । ସେ ପ୍ରସଙ୍ଗ ଆଲୋଚନା କରିଚନ୍ତି ଲେନିନ୍ *State and Revolution* ଗ୍ରନ୍ଥରେ; କାହିଁକିନା, ଭାଙ୍ଗିବା ଓ ଗଢ଼ିବା ହିଁ ମଣିଷର ଅନ୍ତର୍ନିହିତ ସର୍ଜନଶୀଳତାର ପରିଚାୟକ । ମନୁବାଦ କିନ୍ତୁ ଧର୍ମ ନୁହେଁ, ସମାଜ ପରିଚାଳନାର ସଂହିତା । ଯେକୌଣସି ସୂତ୍ର ବା ସଂହିତା ସଂଶୋଧନଯୋଗ୍ୟ, ଯେପରି ଭାରତର ସମ୍ବିଧାନ । ସମାଜ

Digitized by srujanika@gmail.com

ପରିବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ଦରକାର ହେଉଚି ସଂଶୋଧନ। ଷାଠିଏ ବର୍ଷରେ ସେ ପରିବର୍ତ୍ତନ କୁଆଡ଼େ ଏତେ ଦ୍ରୁତ ଲୟରେ ଘଟିଚି ଯେ ଦରକାର ହୋଇଚି ଶତାଧିକ ସଂଶୋଧନ ! ସେତେବେଳେ ଦରକାର ପଡ଼ିଛି ଫେର୍ ଦଫାଏ ମୌଳବାଦ; 'ବେସିକ୍‌ସ୍ଟ୍ରକ୍ଚର୍' କୁ ରଖିବାକୁ ହେବ ଅଭେଦ୍ୟ । ଭୋଟ୍‌କାଙ୍ଗାଳୀ ରାଜନୀତିଜୀବୀ ନହେଲେ ସଂବିଧାନକୁ କରିଦେବେ ବଜାର ଖାତା । ସେଇ ବେସିକ୍‌ସ୍ଟ୍ରକ୍ଚର୍ ଭିତରେ ସମ୍ପତ୍ତି ଉପରେ ଅଧିକାର ରହୁଚି ଯେମିତି ଅଖଣ୍ଡ, ଧର୍ମ ଉପରେ ଅଧିକାର ସେମିତି ପବିତ୍ର । କିନ୍ତୁ ଧର୍ମ ଯେତେବେଳଯାଏଁ ବ୍ୟକ୍ତିଗତ ଅନୁଶୀଳନ , ତାର ନିତ୍ୟାଭ୍ୟାସ ମଧ୍ୟ ରହିବ ଏକାନ୍ତ ଓ ଅପ୍ରାତିଷ୍ଠାନିକ । ଏକାନ୍ତ ସେଇ କର୍ମକାଣ୍ଡ ଯଦି ସର୍ବସାଧାରଣ ପରିସରକୁ ଦଖଲ କରିବାକୁ ହୁଏ ଉଦ୍ୟତ, ଲାଗିଯିବ 'ପିଲିଟିକ୍ସ' । ବିଦ୍ୱାନ୍ କହୁଛନ୍ତି ମୂଳ *ଋକ୍‌ବେଦ* ରେ ନଥିଲା ; ପରବର୍ତ୍ତୀ କାଳରେ ବ୍ରାହ୍ମଣ ଯୋଡ଼ିଦେଇଚନ୍ତି 'ପୁରୁଷସୂକ୍ତ' । ତଦନୁସାରେ,ସୃଷ୍ଟିକର୍ତ୍ତା ଭଗବାନଙ୍କ ଶ୍ରୀମୁଖନିଃସୃତ ବିଧାନ ହେଲା : ବ୍ରାହ୍ମଣ ତାଙ୍କ ମୁଖ ଓ ମସ୍ତକ , କ୍ଷତ୍ରୀୟ ତାଙ୍କ ବକ୍ଷ ଓ ବାହୁ, ବୈଶ୍ୟ ତାଙ୍କ ଉଦର ଏବଂ ଶୁଦ୍ର ତାଙ୍କ ପଦଯୁଗଳ । ଧର୍ମୀୟ ଭାବାଦର୍ଶ ଅବଶ୍ୟ,ମାତ୍ର ଭାବବାଦୀ କଳ୍ପନା ମାତ୍ର ନୁହେଁ; ତାର ବି ଅଛି ବେସିକ୍‌ସ୍ଟ୍ରକ୍ଚର । ସେ ସ୍ଟ୍ରକ୍ଚର କିନ୍ତୁ ଏକ ଜୈବିକ ସଂଗଠନ, ମୁଣ୍ଡରୁ ଗୋଡ଼ ପର୍ଯ୍ୟନ୍ତ ସକଳ ଅର୍ଥରେ ଶରୀର । ଭଗବାନଙ୍କ ଶରୀର । ସେ ଶରୀର ଯେତେବେଳେ ସର୍ବସାଧାରଣ ପରିସର ଭିତରେ ଅବତୀର୍ଣ୍ଣ ହେଲା, ପଦଯୁଗଳ ହେଲେ ଅନ୍ୟାନ୍ୟ ଅବୟବର ବାହକ; ଅର୍ଥାତ୍ ସମାଜର ସଂଖ୍ୟାଗରିଷ୍ଠ ଶୁଦ୍ର ହେଲେ ବାକି ତିନିବର୍ଣ୍ଣର ସେବକ । ଆଧ୍ୟାତ୍ମିକ ଏଇ ଭାବାଦର୍ଶ ଆମ ସମାଜସଂଗଠନରେ ପ୍ରକଟ ହୋଇଚି କ୍ରମୋଚ୍ଚ ସୋପାନରେ ସଜ୍ଜିତ ଜାତି-ପିରାମିଡ୍ ରୂପରେ । କୌଣସି ସୋପାନ ଅନ୍ୟ ସୋପାନର ସମାନ୍ତରାଳ ନୁହେଁ ; ତଳେ ନହେଲେ ଉପରେ । ଅର୍ଥାତ୍ କେହି କାହାରି ସମକକ୍ଷ ନୁହେଁ ଜନ୍ମାରୁ । ବରଂ ଏ ଅସମାନତା ଯେହେତୁ ବଂଶାନୁକ୍ରମିକ, ଇହ ଜୀବନରେ ଆଜନ୍ମ ନିର୍ଦ୍ଧାରିତ ସେବ୍ୟ-ସେବକ ଶିକୁଳିରୁ ମୁକୁଳିବା କାହାରି ପକ୍ଷରେ ହୋଇପାରେନା ସମ୍ଭବପର । କାହିଁକିନା, ଅସମାନତା କୃତକର୍ମର ହିଁ ଫଳାଫଳ, କେହି ଜୋର୍‌କରି ଲଦିଦେଇ ନାହିଁ ; ପ୍ରାଣୀ ଇହଜନ୍ମରେ ପୂର୍ବଜନ୍ମର ଅର୍ଜିତ ପାପପୁଣ୍ୟକୁ ଭୋଗକରୁଚି ମାତ୍ର । ଅସାମ୍ୟ ସେଥିପାଇଁ ନିଶ୍ଛିଦ୍ର । ତାକୁ ପ୍ରଶ୍ନକରିବା ମାନେ ନିଜ କର୍ମଫଳକୁ ହିଁ ପ୍ରଶ୍ନକରିବା । ଏବଂ ଅସାମର୍ଥ୍ୟ ଯେହେତୁ ସମାଜର ଅବଦାନ ନୁହେଁ,ସମାଜ ବିରୋଧରେ ବିଦ୍ରୋହକରିବା ବି ନିଷ୍ଫଳ । ବ୍ୟବସ୍ଥାଟାକୁ ମୁଣ୍ଡପୋତି ମାନିନେବା ତେଣୁ ହିନ୍ଦୁର ଧର୍ମନିଷ୍ଠା । କିନ୍ତୁ ଜାତିଭେଦକୁ ମାନିବା ମାନେ ତ ନିରନ୍ତର ସ୍ୱଜାତି-ପୋଷଣ ! ଇଂରେଜୀରେ, ନେପୋଟିଜ୍‌ମ୍ । ଚାରିଟାଯାକ ଜାତି ଯଦି ଆଖିବୁଜି ସ୍ୱଜାତିପୋଷଣ କରୁଥିବେ ଦିନରାତି, ଗଣତନ୍ତ୍ର ତ ଅଚିରେ ଯିବ ରସାତଳକୁ । ଜାତିକୁ ସେଥିପାଇଁ ଶ୍ରେଣୀ ଭାବିବା ସଙ୍ଗତ,କାହିଁକିନା, ତା ସହିତ ପ୍ରତିଟି ଜାତିର ସ୍ୱାର୍ଥ ରହୁଚି ଜଡ଼ିତ । ଧର୍ମର ଏଇ ଅନୁଶାସନ କିନ୍ତୁ ରୁଦ୍ଧକରିଦେଇଚି

Digitized by srujanika@gmail.com

ଶ୍ରେଣୀବିଦ୍ୱେଷର ସମ୍ଭାବନା, ଅର୍ଥାତ୍ ପରିବର୍ତ୍ତନର ଅନିବାର୍ଯ୍ୟତା । ଜାତିପ୍ରଥା ତେଣୁ ଆଧ୍ୟାତ୍ମିକ ନୁହେଁ କେତେବେଳେ, ଅବିମିଶ୍ର ପଲିଟିକ୍ସ କେବଳ । ଏବଂ ସେଇ ଅର୍ଥରେ, ମୌଳବାଦର ଅଭିନ୍ନ ସଂସ୍କରଣ । ଜାତି-ଜାତି ଭିତରେ ବିବାହ, ଏକତ୍ର ଭୋଜନ ପ୍ରଭୃତି ଉପରେ କଠୋର କଟକଣା ଜାରିକରି, ସମ୍ପତ୍ତିର ଉତ୍ତରାଧିକାର ଉପରେ ନାରୀ-ପୁରୁଷ ଭେଦରେ ଅଙ୍କୁଶ ଲଗାଇ, ସେ ମୌଳବାଦକୁ ଅଚଳାୟତନ କରିଦେଇଛନ୍ତି ମହାମତି ମନୁ । ମନୁଙ୍କୁ ଛାଡ଼ି ଉଚ୍ଚବର୍ଣ୍ଣର ଆହୁରି କେତେ ଲୋକ, ଜନ୍ମାଚରବାଦ ଓ ତାର ବିଭେଦମୁଖୀ ସାମାଜିକ ବିଧିକୁ ଧର୍ମପରାୟଣତାର ପ୍ରଲେପ ଦେବା ସକାଶେ ଲେଖିଚନ୍ତି ଶାସ୍ତ୍ର ଆଉ ସୂତ୍ର । ଶାସ୍ତ୍ରର ଉପଦେଶ ମାନି ପୁଣ୍ୟ ସଞ୍ଚୟକଲେ ପରଜନ୍ମରେ ମିଳିବ ଜାତିପିରାମିଡ୍‌ରେ ଉଚ୍ଚତର ଅବସ୍ଥାନ; ସେବକ ହେବ ସେବ୍ୟ, ମୂର୍ଖ ହେବ ପଣ୍ଡିତ, ନିର୍ଦ୍ଧନ ହେବ ଧନୀ, ଦୁର୍ବଳ ହୋଇପାରିବ ବୀରପୁଙ୍ଗବ । ଏ ନିର୍ବାଚନ-ଇସ୍ତାହାରକୁ ଇହଜନ୍ମରେ ପରଖକରିବା ସୁଯୋଗ ହିନ୍ଦୁକୁ ମିଳିନାହିଁ । କିନ୍ତୁ ଆଶା ତ ବୈତରଣୀ ନଦୀ ! ବିନା ପ୍ରତିବାଦରେ ତେଣୁ ନିଜ ହୀନ ଅବସ୍ଥାନକୁ ମାନିନେଇଚି ହିନ୍ଦୁ ନିମ୍ନବର୍ଗ । ବ୍ରାହ୍ମଣଙ୍କ ଅବଜ୍ଞା ସହ୍ୟକରି ନପାରି ଶୂଦ୍ର ଆମ୍ବେଦ୍‌କର ନେଇଚନ୍ତି ବୁଦ୍ଧଙ୍କ ଶରଣ । କିନ୍ତୁ ବୁଦ୍ଧ ତ କହିଚନ୍ତି, 'ଆତ୍ମଶରଣ ଭବ । ଆତ୍ମଦୀପ ଭବ !' ଗୋଟାଏ ଜାଗାରୁ ଆଉ ଗୋଟାଏ ଜାଗାକୁ ଚାଲିଗଲେ ପଥଶ୍ରମ ସାର ହୁଏ , ମଣିଷ ଆତ୍ମଦୀପ ହୁଏନା । ନିଜ ଉପରେ ଆସ୍ଥା ଅର୍ଜନ କରିପାରିନାହିଁ ବୋଲି,ହୋଇପାରେନା ଆତ୍ମଶରଣ । ମାୟାବତୀ,ସେଥିପାଇଁ, ଫେର୍ ଡାକୁଚନ୍ତି ବ୍ରାହ୍ମଣଙ୍କୁ, ନହେଲେ ବୈଶ୍ୟଙ୍କୁ । ସେଥିରେ କଣ ଜାତି-ପିରାମିଡ ଭାଙ୍ଗି ପଡ଼ିବ ?

ପାଞ୍ଚବର୍ଷରେ ଥରେ ଭୋଟ୍ ହେଉଚି ଯଥାରୀତି; ଗଣତନ୍ତ୍ର କହିଲେ ଯୋଉ 'ଇକୋଆଲିଟି'କୁ ବୁଝାଏ , ରହିଯାଇଚି କିନ୍ତୁ ଆକାଶ-କଇଁଆ । ଚାଷୀ ଆତ୍ମହତ୍ୟା କରୁଚନ୍ତି, ଆତ୍ମହତ୍ୟା କରୁଚନ୍ତି ତନ୍ତୀ ; ଘୋର ପ୍ରତିଯୋଗିତାର ସମ୍ମୁଖୀନହୋଇ ପାରିଲାନାହିଁ ଯୋଉ ଛାତ୍ର , ସିଏ ବି କରୁଚି ଆତ୍ମହତ୍ୟା । ଯା ବାପ ଦେଇପାରିଲାନାହିଁ ଆଶାନୁରୂପ ଯୌତୁକ,ସେ ଝିଅ ବି କରୁଚି ଆତ୍ମହତ୍ୟା । ଏଣେ ଜାତି ଆଉ ଧର୍ମକୁ ଛାଡ଼ି ମୌଳବାଦ ଧରିଲାଣି 'ରେସ୍' (=ରକ୍ତ) କି ଭାଷାକୁ ; ଦାକ୍ଷିଣାତ୍ୟରେ ଦ୍ରାବିଡ଼ ମୁନେତ୍ର, ତେଲୁଗୁ ବିଡ଼ା, ଶିବସେନା । ମୌଳବାଦର ଉପକରଣ ତେଣୁ ଅଫୁରନ୍ତ । ଭାରତୀୟ ରାଷ୍ଟ୍ର କିନ୍ତୁ ବିଭେଦମୁଖୀ ଏଇ ଉପସର୍ଗଗୁଡ଼ାକୁ ନାଁ ଦେଇଚି ଇଉନିଟି ଇନ୍ ଡାଇଭର୍‌ସିଟି, ବିଭେଦ ମଝିରେ ମହାନ ମିଳନ ! ଭୋଟକାଙ୍ଗାଳୀ ବାସ୍ତବତାକୁ ଅସ୍ୱୀକାର କରି ପିକ୍‌ନିକ୍ କରୁଚନ୍ତି ଆଗ୍ନେୟଗିରି ଶିଖରରେ ବସିରହି ।

କିନ୍ତୁ, ମୌଳବାଦ ତ ଚୁଡ଼ାମୁଢ଼ି ନୁହେଁ ଯେ, ଲୋକ ସକାଳୁ ଉଠି ଖୋଜିବ ! ଭୋଟ୍ ମାନେ କ୍ଷମତା ଭୋଟ୍ ଲୋଭରେ ଅକର୍ମଣ୍ୟ ଲୋକ ଏ ବାଟଟାକୁ ଦେଖୁଚନ୍ତି ସୁଗମ ।

Digitized by srujanika@gmail.com

ଲୋକଙ୍କ ଭିତରେ ଅସନ୍ତୋଷ ଜମିଚି; ବାରଦୁଆର ଶୁଣ୍ଢିପିଣ୍ଡା ହୋଇ ବି ପ୍ରତିକାର ମିଳୁନାହିଁ, ରୁଜିରୋଜଗାର ଜୁଟୁନାହିଁ, ସରକାରଙ୍କ ଦୃଷ୍ଟିରେ ତ ସାଧାରଣ ନିର୍ବିତ୍ତ ମଣିଷ କୁକୁରବିଲେଇ । ଏଇ ରାଜନୀତିକ ଶୂନ୍ୟତାରେ ଲୋକଙ୍କ ହାତରେ ମୌଳବାଦର ମୁଆଁ ଧରାଇଦେବା ସହଜ । ସେଥିରେ ନା ଅଛି ଆଗପଛ ବିଚାର, ନା ଅଛି ଅସନ୍ତୋଷର ପ୍ରତିଷେଧକ ? ଅଥଚ ରାତାରାତି ନେତା ବନିଯିବା କଷ୍ଟ ନୁହେଁ ନିରନ୍ନ ନିରକ୍ଷର ନିର୍ଯ୍ୟାତିତ ଲୋକଙ୍କ ଦୃଷ୍ଟିରେ । ଏ ନେତାଙ୍କ କଥା ଯିଏ ଶୁଣନ୍ତି, କେହି ଧର୍ମନିଷ୍ଠ, ଜାତିବତ୍ସଳ କି ଭାଷାଭିମାନୀ ନୁହେଁ, ମାତ୍ର ମୁଣ୍ଡଗଣତିରେ ଅନେକ । ପାଆନ୍ତିନାହିଁ ତ କିଛି, ଶୁଣନ୍ତି କାହିଁକି ତାହେଲେ ନେତାଙ୍କ ମନବୋଧ ଚଉତିଶା? ଯାକୁ କୁହାଯାଉଚି ଗ୍ରୁପ୍ ସାଇକଲଜି । ବ୍ୟାପକ ଆକାର ନିଏ ଯୁଦ୍ଧକାଳୀନ ପରିସ୍ଥିତିରେ, ଯେପରି ଭାରତ-ଚୀନ୍ କି ଭାରତ-ପାକିସ୍ଥାନ ଯୁଦ୍ଧ,କିମ୍ବା ହିଟ୍‌ଲରଙ୍କ ନାତ୍‌ସୀ ଜର୍ମାନୀରେ । କିମ୍ବା ଦେଶବିଭାଜନ ବେଳେ, ଯେପରି ପାର୍ଟିସନ୍, ଯେତେବେଳେ ସନାତନ ଭିଟାମାଟି ଛାଡି, ଅନ୍ୟତ୍ର ଚାଲିଯିବାକୁ ବାଧହୁଏ ମଣିଷ । ଆଉ, ଏଇ ଗ୍ଲୋବାଲାଇଜେସନ୍ ଯୁଗରେ, ଫ୍ରି ମାର୍କେଟ୍ ଯେତେବେଳେ ଆହାର କାଢ଼ିନିଏ ମୁହଁରୁ, ବୁଡ଼ିଯାଉଥିବା ଲୋକ କୁଟାଖିଅକୁ ଜାବୁଡ଼ିଧରିବା ଭଳି, ମଣିଷ ହାତ ବଢ଼ାଇଦିଏ ଧର୍ମ ଆଡ଼କୁ, ଜାତି ଆଡ଼କୁ, ଭାଷା ଆଡ଼କୁ । ହୁଏତ ମିଳିଯିବ ଆତ୍ମୀୟତା ! ସର୍ବୋପରି, ସାମ୍ରାଜ୍ୟବାଦ ଯେତେବେଳେ ମଣିଷକୁ ପରିଣତ କରେ ଛିନ୍ନମୂଳ, ମଣିଷ ବାଧହୁଏ ଟଙ୍କା କିମ୍ବା ବନ୍ଧୁକର କିଙ୍କର ହେବାକୁ । ଗୋଟିଏ ବାକ୍ୟରେ, ସମାଜାଶ୍ରିତ ମଣିଷ ଭିତରେ ନିରାପତ୍ତାର ଅଭାବ ହୁଏ ଯେତେବେଳେ ଗଭୀରତର, ସାମାଜିକ ଅବସ୍ଥାନର ସଂହତି ମନେହୁଏ ଅନିଶ୍ଚିତ, ଅଦୃଢ଼, ବିପନ୍ନ । ଭାରତ ଭଳି ଏକ ବହୁମାତ୍ରିକ ସଂସ୍କୃତିରେ ମୌଳବାଦର ପ୍ରଧାନ କାରଣ ତେଣୁ ଆ୍ୟାଲିଏନେସନ୍ ବା ପାରକ୍ୟ ; ଧର୍ମ-ଧର୍ମ ଭିତରେ ପାରକ୍ୟ, ଜାତି-ଜାତି ଭିତରେ ପାରକ୍ୟ, ଭାଷା-ଭାଷା ଭିତରେ ପାରକ୍ୟ । 'ପର' ଶବ୍ଦରୁ ମୁଁ ବାହାରକରିଚି 'ପାରକ୍ୟ' । କେବଳ ସ୍ୱାଧୀନତା-ସଂଗ୍ରାମ ଚାଲିଥିବା ବେଳେ ଅତିକ୍ରମ କରିପାରିଥିଲୁଁ ଏଇ ପାରକ୍ୟ । ହୁଏତ ପରାଧୀନତା ଭଳି ଅନ୍ୟ କୋଉ ମହତ୍ ଦୁଃଖ ସକାଶେ ଅପେକ୍ଷା କରିବାକୁ ପଡ଼ିବ ଆମକୁ, ଅପରିସୀମ ବେଦନା ଯେତେବେଳେ ଜନ୍ମଦେବ ସୀମା ଭାଙ୍ଗିବାର ସାମୂହିକ ଉନ୍ମାଦନା । ଦୁଃଖ କେବଳ ମଣିଷକୁ କରିପାରେ ନିଷ୍କଳଙ୍କ, ମହତ୍ ଦୁଃଖ କରିପାରେ ମହାନ୍ ।

ଦେଶବାସୀଙ୍କୁ ପରସ୍ପରର ସମକକ୍ଷ କରିବାକୁ, ଭୋଟ୍ ଜିତି ହୋଇଚନ୍ତି ଯିଏ ରାଷ୍ଟ୍ରର କର୍ଣ୍ଣଧାର, ତାଙ୍କ ହାତରେ ରହିଚି ବିପୁଳାୟତନ ଅମଲାତନ୍ତ୍ର, ଜଳ-ସ୍ଥଳ-ଆକାଶରେ ପରାକ୍ରମଶାଳୀ ସେନାବାହିନୀ, ସର୍ବବ୍ୟାପୀ ପୁଲିସ୍ ବନ୍ଦୋବସ୍ତ, ନାନା ରକମ ଗବେଷଣା ସଂସ୍ଥା, ସେଣ୍ଟ୍ରାଲ୍ ବ୍ୟାଙ୍କ୍, ସ୍ଥାୟୀ ଗୁପ୍ତଚର ସଂଗଠନ, ପୁଣି ଗଣତନ୍ତ୍ର ନାଁରେ ପାର୍ଲାମେଣ୍ଟ୍ । ବିରାଟକାୟ ଏଇ ରାଷ୍ଟ୍ରଯନ୍ତ୍ରକୁ ଗ୍ରାମ୍‌ସି ଆଖ୍ୟାଦେଇଚନ୍ତି 'ପୋଲିଟିକାଲ୍ ସୋସାଇଟି' । ତାର

Digitized by srujanika@gmail.com

ପ୍ରାତିଷ୍ଠାନିକ ଚରିତ୍ର ଦମନମୁଖୀ ସର୍ବତ୍ର । ଜାଲ ଭଳି ବିସ୍ତାରିତ ସେଇ ସଂଗଠନ ଜଣ ଜାଣିପାରୁନାହିଁ ମୌଳବାଦ ଆସୁଚି କୋଉଠୁ, ବ୍ୟାପୁଚି ଅବା କେମିତି ? କାହିଁକିନା, ରାଜନୀତିକ ସମାଜ ବା ରାଷ୍ଟ୍ର ଯାହାକୁ ନିୟନ୍ତ୍ରଣକରେ,ସେଇ ସିଭିଲ୍ ସୋସାଇଟି ତ ସର୍ବସାଧାରଣ ନାଗରିକର ସମାଜ । ଅର୍ଥାତ୍ ଶୂନ୍ୟ ପରିସର ନୁହେଁ, ତା ଭିତରେ ରହିଚନ୍ତି ଅଗଣିତ ବିବେକବାନ୍ ନରନାରୀ; ପେସାରେ କିଏ ଶ୍ରମିକ, କିଏ କୃଷକ, କିଏ କାରିଗର, କିଏ ଓକିଲ, କିଏ ଡାକ୍ତର, ଦୋକାନୀ, ଛାତ୍ର, ସାମ୍ବାଦିକ, ଶିକ୍ଷକ। ରାଷ୍ଟ୍ରର ଏତେ ଆୟୋଜନ ସେଇମାନଙ୍କୁ ବଶକରିବ ଦମନ-ପୀଡ଼ନ ମାଧ୍ୟମରେ। ମାର୍କ୍ସ କାହିଁକି ରାଷ୍ଟ୍ରର,ଅର୍ଥାତ୍ ଦମନପୀଡ଼ନର, ଅବସାନ କାମନା କରିଥିଲେ, ଅନୁମାନକରିବା ଏଥର ଦୁଃସାଧ ନୁହେଁ । ମୌଳବାଦକୁ ତେବେ ଦମନ କରିପାରୁନାହିଁ କାହିଁକି ରାଷ୍ଟ୍ର ? ବାବରୀ ମସ୍‌ଜିଦ୍ ଯେତେବେଳେ ଭଙ୍ଗାହେଲା, ରାଷ୍ଟ୍ର କଣ ଶୋଇଥିଲା ନିଦରେ ? କିନ୍ତୁ ପ୍ରତିବାଦ କରିଥିଲା ସିଭିଲ୍ ସୋସାଇଟି । ପ୍ରତିବାଦ କରିଥିଲେ ଲେଖକ-ବୁଦ୍ଧିଜୀବୀ । ସମ୍ବାଦମାଧ୍ୟମ ସିଭିଲ୍ ସୋସାଇଟିର ଏକ ଗୁରୁତ୍ୱବାହୀ ପ୍ରତ୍ୟଙ୍ଗ । ସିଏ ମଧ୍ୟ ମୁଖର ହୋଇଚି ପ୍ରତିବାଦରେ । ଆହୁରି ଅନେକ ଦୃଷ୍ଟାନ୍ତ ରହିଚି, ବର୍ଣ୍ଣନାକରି ଲେଖାଟାର ମେଦବୃଦ୍ଧି କରିବିନାହିଁ । ଖାଲି ଏତିକି କହିବି, ରାଷ୍ଟ୍ରର କର୍ଣ୍ଣଧାର ନିର୍ବାଚନରେ ଜିତିବା ସକାଶେ ମୌଳବାଦ ପାଇଁ ମଧ୍ୟ କରିଦେଇପାରେ ସାହାଣ ମେଲା ; ଆଉ ନିର୍ବାଚନରେ ହାରିଗଲେ ଇମର୍ଜେନ୍ସି ଘୋଷଣାକରି ବସ୍ତି ଭାଙ୍ଗିବ କି ଲୋକଙ୍କୁ ଖାସୁକରିବ କି ଗଣମାଧ୍ୟମକୁ କରିଦେବ ଜଡ଼ା ଆଉ କାଇ । ସିଭିଲ୍ ସୋସାଇଟି ଉପରେ ରାଷ୍ଟ୍ରର ରାଜୁତି ତେଣୁ ପ୍ରତିକ୍ରିୟାଶୀଳ। ସ୍ଥିତାବସ୍ଥାର ପରିବର୍ତ୍ତନ ତାର ଲକ୍ଷ୍ୟ ନୁହେଁ, କାଗଜରେ ହେଲେ ବି କାମରେ ନୁହେଁ। ଯେପରି, ପ୍ରାୟ ସବୁ ଦଳର ନେତା ବେଳକୁ ବେଳ ଗର୍ଜନତର୍ଜନ କରୁଚନ୍ତି ମୌଳବାଦ ବିରୋଧରେ, ମାତ୍ର ଭୋଟ୍ ଚାହିଁବାବେଳେ ବିଭେଦମୁଖୀ ଏଇ ପ୍ରବଣତାକୁ ବ୍ୟବହାର କରିବାକୁ କସୁର୍ କରତିନାହିଁ କେହିହେଲେ । ଲୋକଙ୍କ ଭାବାବେଗ ଉପରେ ଆଞ୍ଚଲାଗିଲେ କୁଆଡ଼େ ଭୋଟ୍ ମିଳିବ ନାହିଁ ! ତା ହେଲେ, ନରେନ୍ଦ୍ର ମୋଦି କି ରାଜ ଠାକ୍‌ରେ ନେତାଗିରି କରୁଚନ୍ତି କେମିତି ପ୍ରକାଶ୍ୟରେ ? ଅନୁଚ୍ଚାରିତ ଉଦ୍ଦେଶ୍ୟ ତେଣୁ, ସିଭିଲ୍ ସୋସାଇଟି ମେଣ୍ଢା ହୋଇ ରହୁ । ଖଜବଜ ହେଲେ ଲାଗିବ ପିଙ୍ଗଳ କୋଡ଼ର ୨୯୫(କ) ଧାରା । ଭୋଟପ୍ରାର୍ଥୀଙ୍କ ସକାଶେ ସେ ଧାରା ପ୍ରଯୋଜ୍ୟ ନୁହେଁ, କାହିଁକିନା, ପୁଲିସ୍ ତାଙ୍କ କିଣାକିଙ୍କର । ଏଇ ଯଦି ରାଷ୍ଟ୍ର ପରିଚାଳନାର ଆଦର୍ଶ, ମତାନ୍ତରେ ହିଡିନ୍ ଏଜେଣ୍ଡା, ତେବେ ବୁଲେଟ୍ ନୁହେଁ, ବ୍ୟାଲଟ୍ ହିଁ ଗଣତନ୍ତ୍ରରେ ଉପଗତ ହେବାର ଅଦ୍ୱିତୀୟ ରାଜପଥ, ମନେହେବ ତ୍ରସ୍ତ ଦୁର୍ବୃତର ଭୟାର୍ତ୍ତ ଆପ୍ତବାକ୍ୟ ; ବୁଲେଟ୍ ଛଡ଼ା ଯିଏ ଆଉ କିଛି ବା କାହାରିକୁ ଘୁଣାକ୍ଷରରେ ପରୁଆକରେନା । ସିଭିଲ୍ ସୋସାଇଟି ସେତେବେଳେ ବାଧ୍ୟହୁଏ ସ୍ରୋତର ବିପରୀତ ଦିଗକୁ ପହଁରିବାକୁ। ଯେପରି ପହଁରୁଚଚି, ଯାହାକୁ କହନ୍ତୁ, ମାଓବାଦୀ । ମାଓବାଦୀ ତ କେହି ସଉକକରି

Digitized by srujanika@gmail.com

ହୁଏନା, ଅନ୍ୟାୟର ପ୍ରତିକାର ସିଧାବାଟରେ ହୋଇ ନପାରିଲେ, ତାକୁ ଆତ୍ମଗୋପନ କରିବାକୁ ହୁଏ । ରାଷ୍ଟ୍ର ବନ୍ଧୁକଧରି ତା ପଛରେ ଗୋଡ଼ାଏ ବୋଲି, ସିଏ ମଧ୍ୟ ମାଓ-ଜେ-ଡଙ୍ଗଙ୍କ ବଚନ ଶୁଣାଏ : Real political power grows out of the barrel of the gun । ତେବେ, ରାଷ୍ଟ୍ର ହାତରେ ରହିଚି କାହୁଁ କାହିଁତକ ଅସୁମାରୀ ବନ୍ଧୁକ । କିନ୍ତୁ ସିଭିଲ୍ ସୋସାଇଟି ଯଦି ଏ ପିଲାଙ୍କ ଆତ୍ମତ୍ୟାଗର ମହତ୍ୱ ହୃଦୟଙ୍ଗମ କରେ, ବ୍ରହ୍ମାସ୍ତ୍ର ବି ସ୍ପର୍ଶକରି ପାରିବନାହିଁ ତାଙ୍କ କେଶାଗ୍ର ।

ଏଇଭଳି ପ୍ରତ୍ୟାଶାକରିବା ଛଡ଼ା ମୋ ଭଳି ଲାଞ୍ଛିତ ଲୋକକୁ ଲେଖାଲେଖି କରିବା ମନେହେଉଚି ବ୍ୟର୍ଥ ପ୍ରୟାସ । ଗଣତନ୍ତ୍ର ଯଦି ନିର୍ବିକାର ଭୋଟ୍‌ତନ୍ତ୍ର, ରାଷ୍ଟ୍ର ଯଦି ପ୍ରତିକ୍ରିୟାଶୀଳ, ସାମ୍ରାଜ୍ୟବାଦ ପାଇଁ ଦିଲ୍ଲୀ ଯଦି ନୁହେଁ ଦୂର୍ ଅସ୍ତ୍, ନିରନ୍ନ ନିରକ୍ଷର ପ୍ରବଞ୍ଚିତ ଲୋକଗୁଡ଼ାକ ପ୍ରାଣଧରି ବଞ୍ଚିରହିବେ କେମିତି ? ଲୋକ ନ ବଞ୍ଚିଲେ , ଲେଖାଲେଖି ପଢ଼ାପଢ଼ିର ଅର୍ଥ ଅବା କଣ ? ବୁଢ଼ା ବୟସରେ କଣ ଇତରଜନର ହାତତାଳି ପାଇବାକୁ ଖାଲି ଲେଖିବି ? ଏଇଭଳି ଆକାଶପାତାଳ ଭାବୁଥିବା ବେଳେ ମାର୍କ୍ସଙ୍କ କଥା ମନକୁ ଆସିଲା, ବସ୍ତୁଗତ ଉତ୍ପାଦନର ସାଧନରୁ ଯିଏ ବଞ୍ଚିତ, ଯେପରି ଏ ଦେଶର ଅସଂଖ୍ୟ ସ୍ତ୍ରୀ-ପୁରୁଷ, ମାନସିକ ଉତ୍ପାଦନର ସାଧନରୁ ମଧ୍ୟ ସିଏ ଏକାବେଳେ ବଞ୍ଚିତ । ସେଥିପାଇଁ ସିଏ ଅନୁସରଣ କରେ ଶାସକ ଶ୍ରେଣୀର ଜୀବନ-ସଂପର୍କୀତ ଚିନ୍ତାଚେତନାକୁ, କାହିଁକିନା, ମାନସିକ ଉତ୍ପାଦନର ସାଧନରୁ ବଞ୍ଚିତ ମଣିଷ ନିଜେ ପ୍ରଥାରହିତ କିଛି ଭାବିପାରେନା । ସିଭିଲ୍ ସୋସାଇଟିକୁ ମାଓବାଦୀଙ୍କ ଜିମାରେ ଛାଡ଼ିଦେଇ ଚୁପ୍‌ହୋଇଯିବା ତେଣୁ ମୋପାଇଁ ଅନୈତିକ କର୍ମ । କାହିଁକିନା, ଲୋକ ଯେତେ ନିଦାବିଷ୍ଟ ହୁଅନ୍ତୁ ,ଇତିହାସ ତ ଗଢ଼ନ୍ତି ସେଇମାନେ । ଗଢ଼ିବାର ଲୟ ମନ୍ଥର ହୋଇପାରେ, ହିଡ଼ବାଡ଼ରେ ଝୁଣ୍ଟି ଇହୁଲୁହାଣ ହୋଇପାରନ୍ତି,ମାତ୍ର ଖଟିଖିଆ ଲୋକହିଁ ରହିବେ ଇତିହାସର ନାୟକ । ବ୍ୟକ୍ତିବିଶେଷର ନୈରାଶ୍ୟ କି ଅଭିମାନ,ସେଥିପାଇଁ ଅବାନ୍ତର । ଦୀପ ତ ଲିଭିଯାଇ ନାହିଁ; ହେଇ ତ, ନେପାଳରେ ସେମାନେ ରଜାଟାକୁ ବି ହଟାଇଦେଇ ସାରିଲେଣି ସିଂହାସନରୁ । ସବୁ ପରିବର୍ତ୍ତନ କଣ ଏକାବେଳକେ ଘଟିବ, ନା ମୋଅରି ଜୀବଦ୍ଦଶାରେ ଘଟିବାକୁ ବାଧ ?

ଯୁଗଯୁଗଧରି ପରାଧୀନ, ନିଷ୍ପେଷିତ, ସିଭିଲ୍ ସୋସାଇଟି ବିଭାଜିତ ଓ ନିରୁତ୍ତାପ ହେବା ସ୍ୱାଭାବିକ । ଭୋଟ୍‌ବେପାରୀ ସେଇ ଦୁର୍ଗତିର ପ୍ରତ୍ୟକ୍ଷ ସ୍ୱତ୍ୱଭୋଗୀ ; ପରିବର୍ତ୍ତନ ନ ଚାହିଁବା ତାଙ୍କ ପାଇଁ ମଧ୍ୟ ସ୍ୱାଭାବିକ । ନିଦାରୁଣ ଏ ଅର୍ଗଳରୁ ଲୋକଙ୍କୁ ନିସ୍ତାରକରିବାକୁ ବଂଧୁକ କଥା ଭାବୁଛୁଁ, ମାତ୍ର ଗନ୍ତବ୍ୟ ତ ଶେଷକୁ ଗଣତନ୍ତ୍ର ! ସେ ଗଣତନ୍ତ୍ର ଯେତେ ଦୂଷିତ ହେଉ, ଗଣତନ୍ତ୍ରରେ ଅଛି ବୋଲି ତ ଲେଖିପାରୁଚି । ଏକ୍ଷଣି ସେ ଦୃଷ୍ଟାନ୍ତ ସମଗ୍ର ଦକ୍ଷିଣ-ଏସିଆ ଆଗରେ ରଖୁଚନ୍ତି ପାହାଡ଼ବନ୍ଦୀ ନେପାଳର ନିର୍ବାଚନରେ ବିଜୟୀ ତଥାକଥିତ

Digitized by srujanika@gmail.com

ମାଓବାଦୀ । ଦକ୍ଷିଣ-ଏସିଆର କୌଣସି ରାଜ୍ୟର ଅଧିବାସୀ ସମସତ୍ୱ ବା ହୋମୋଜିନସ୍ ନୁହେଁ, ସେ ଅସମାନତା ଭାରତ ଭଳି ପ୍ରାଚୀନ ଦେଶରେ ସର୍ବାଧିକ । ଗଣତନ୍ତ୍ର ଛଡ଼ା ସ୍ଥାୟୀ ପରିବର୍ତ୍ତନ ତେଣୁ ସମ୍ଭବପର ନୁହେଁ । ଅଥଚ ନେପାଳରେ , ସଶସ୍ତ୍ର ସଂଗ୍ରାମରେ ବହୁବର୍ଷ ରତରହିବା ସତ୍ୱେ, ରାଣାତନ୍ତ୍ର-ରାଜତନ୍ତ୍ର-ସାମନ୍ତତନ୍ତ୍ର ଭଳି ବିଭେଦକାରୀ ଅପଶକ୍ତି କବଳରୁ ସିଭିଲ୍ ସୋସାଇଟିକୁ ଏମାନେ ପର୍ଯ୍ୟାୟକ୍ରମେ ମୁକ୍ତ କରିଚନ୍ତି ଆପଣା ରକ୍ତର ବିନିମୟରେ । ଖଟିଖିଆ ନିଗୃହୀତ ମଣିଷ ଉପଲବ୍ଧିକରିଚି ଏମାନଙ୍କ ଆତ୍ମାହୂତିର ମହିମା; ବୁଝିଚି ବୋଲି, ସଶସ୍ତ୍ର ସଂଗ୍ରାମୀ ନିଶ୍ଚିତହୋଇ ଓହ୍ଲାଇପଡ଼ିଚନ୍ତି ଭୋଟ୍-ରଣାଙ୍ଗନକୁ । ଏବଂ ଦେଶର ଲୋକ ଦେଖିଚନ୍ତି, 'ବନ୍ଧୁକନଳ ହିଁ କ୍ଷମତାର ଅସଲ ଉତ୍ସ' ଥିଲା ଯାହାଙ୍କ ସକାଶେ ବେଦବାକ୍ୟ, ଗୋଟାଏ ହେଲେ ଗୁଳି ବି ଅପବ୍ୟୟ ନକରି, ସେମାନେ ଦଖଲକରୁଚନ୍ତି କାଠମାଣ୍ଡୁର ମସ୍‌ନଦ୍ ଆକ୍ଷରିକଭାବେ । ପ୍ରତିନିଧିତ୍ୱ ପୁଷ୍ଟ ଜାତି-ଧର୍ମହୀନ ଗଣତାନ୍ତ୍ରିକ ସମାଜ ପ୍ରତିଷ୍ଠାର ଏ ଏକ ଅଭୂତପୂର୍ବ ନିଦର୍ଶନ । ଏବଂ, ସେଇ ବ୍ୟଞ୍ଜନାରେ, ସଂସଦୀୟ ରାଜନୀତିର ବି ମୋକ୍ଷଲାଭ । ମାତ୍ରକ, ଅସ୍ତ୍ର ସମ୍ବରଣ କରିସୁଦ୍ଧା, ଅବମାନିତ ମଣିଷ ପକ୍ଷରୁ ଏମାନେ ଜାରିରଖିଚନ୍ତି ସଂଗ୍ରାମ, ଯେପରି ଗଣପରିଷଦ ଗଢ଼ିବା ପ୍ରାକ୍‌କାଳରେ ସମାଜର ପ୍ରାନ୍ତିକ ଶ୍ରେଣୀକୁ, ସମାନୁପାତିକ ନିର୍ବାଚନପଦ୍ଧତି ମାଧ୍ୟମରେ, ପ୍ରତିନିଧିତ୍ୱ ଦେବାକୁ ଦାବିକରି ବାହାରି ଆସିଚନ୍ତି ସରକାରୀ କ୍ଷମତାରୁ । ଅଧିକନ୍ତୁ, ନିଜେ ସଂଖ୍ୟାଗରିଷ୍ଠ ହୋଇ ସୁଦ୍ଧା, 'ମଦେଶୀ ଜନାଧିକାର ଫୋରମ୍' ଭଳି ଆଞ୍ଚଳିକ ଓ ସଂଖ୍ୟାଲଘୁ ସଂଗଠନର ନେତାଙ୍କୁ ରାଷ୍ଟ୍ରପ୍ରଧାନ କରିବା କଥା ପ୍ରସ୍ତାବ କରିଚନ୍ତି ନିଜଆଡ଼ୁ । ଏଇ ତ ଜାତି-ଉପଜାତି ରାଜନୀତିର କବର !

ତେଣୁ ,ରେ ଆତ୍ମନ୍, କ୍ଲୈବ୍ୟ ପରିହାର କର୍ ।

✱

Digitized by srujanika@gmail.com